- Vol.- 46, Issue No. 23
- Thursday, 23 April 2026
- ଗୁରୁବାର, ୨୩ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଆଜି ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ନିର୍ବାଚନ

ନୂଆଦିଲ୍ଲୀ,୨୨।୪: ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ୨୩ ଏପ୍ରିଲ ଗୁରୁବାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ହେବାକୁ ଯାଉଛି। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗର ୧୫୨ ଆସନ, ତାମିଲନାଡୁର ୨୩୪ ଆସନ ପାଇଁ ଏକକ ପର୍ଯ୍ୟାୟରେ ମତଦାନ ହେବ । ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ପାଇଁ ୧୪୭୮ ଜଣ ପ୍ରାର୍ଥୀ ଓ ତାମିଲନାଡୁରେ ୪,୬୧୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ପାଇଁ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ ରହିବ। ଏହି ନିର୍ଦ୍ଦେଶ ଉଭୟ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲ ପାଇଁ ପ୍ରଯୁଜ୍ୟ।

## ଝାରସୁଗୁଡ଼ା ଦେଶର ସବୁଠାରୁ ଉତ୍ତପ୍ତ

### ପାରଦ ଛୁଇଁଲା ୪୪.୬ ଡିଗ୍ରୀ

ଭୁବନେଶ୍ୱର,୨୨।୪: ବୁଧବାର ଝାରସୁଗୁଡା ଭାରତର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ପଶ୍ଚିମ ଓଡ଼ିଶାର ଏହି ଶିଳ୍ପ ସହର ସର୍ବାଧିକ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରିଛି ।ଚଳିତ ଗ୍ରୀଷ୍ମ ଋତୁରେ ଦେଶର ଏହି ସ୍ଥାନରେ ଆଜି ଅନୁଭୂତ ହୋଇଥିଲା ସର୍ବାଧିକ ତାପମାତ୍ରା। ଆଇଏମଡିରୁ ମିଳିଥିବା ତଥ୍ୟ ମୁତାବକ ଝାରସୁଗୁଡା ଜାତୀୟ ଉତ୍ତପ୍ତ ସହର ତାଲିକାର ଶୀର୍ଷରେ ରହିଛି ।ବୁଧବାର ଭାରତର ୧୦ଟି ଉତ୍ତପ୍ତ ସ୍ଥାନ ମଧ୍ୟରେ ଝାରସୁଗୁଡ଼ା ପଛକୁ ମହାରାଷ୍ଟ୍ରର ଆକୋଲା ଏବଂ ୱାର୍ଦ୍ଧା, ଅମରାବତି (୪୩.୪), ଡାଲଟନଗଞ୍ଜ (୪୩.୪), ଯବତମାଲ (୪୩.୪), ଜାମସେଦପୁର (୪୩.୩), ବାଙ୍କୁରା (୪୩.୨), ଏବଂ ଓଡ଼ିଶାର ସମ୍ବଲପୁର (୪୩.୨)। ଗତ ବର୍ଷ, ଝାରସୁଗୁଡା ମଧ୍ୟ ଦେଶର ସବୁଠାରୁ ଉତ୍ତପ୍ତ ସ୍ଥାନ ଥିଲା। ୨୨ ଏପ୍ରିଲ୍, ୨୦୨୫ ରେ ଏହା ୪୬.୨ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଥିଲା।

## ଯାତ୍ରୀଙ୍କ ଜୀବନ ରକ୍ଷା କଲେ ଦେବଦୂତ ସାଜିଲେ ଆର୍‌ପିଏଫ



ବ୍ରହ୍ମପୁର,୨୨।୪: ଓଡ଼ିଶାର ବ୍ରହ୍ମପୁର ରେଳ ଷ୍ଟେସନରେ ଏକ ଚଳନ୍ତା ଟ୍ରେନ୍‌ରେ ଚଢ଼ିବାକୁ ଚେଷ୍ଟା କରିବା ସମୟରେ ଖସି ପଡ଼ିଥିବା ଜଣେ ଯାତ୍ରୀଙ୍କ ଜୀବନ ରକ୍ଷା କରିଛନ୍ତି ରେଳ ସୁରକ୍ଷା ବାହିନୀ (ଆରପିଏଫ)ର ଜଣେ କନେଷ୍ଟବଳ। ଏହି ଘଟଣାଟି ୨୦ ଏପ୍ରିଲ୍ ରାତି ୯:୦୦ ରୁ ୯:୩୦ ମଧ୍ୟରେ ପ୍ଲାଟଫର୍ମ ନମ୍ବର ୧ ରେ ଘଟିଥିଲା, ଯେଉଁଠାରେ କନେଷ୍ଟବଳ ଜଣକ ଡ୍ୟୁଟିରେ ଥିଲେ। ରାଜ୍ୟରାଣୀ ଏକ୍ସପ୍ରେସରେ ଚଢ଼ି ଭୁବନେଶ୍ୱର ଯାଉଥିବା ଯାତ୍ରୀ ଜଣକ ପାଣି ବୋତଲ କିଣିବା ପାଇଁ ଷ୍ଟେସନରେ କିଛି ସମୟ ପାଇଁ ଓହ୍ଲାଇଥିଲେ। ଚଳନ୍ତା ଟ୍ରେନରେ ପୁଣି ଚଢ଼ିବାକୁ ଚେଷ୍ଟା କରିବା ସମୟରେ ସେ ଭାରସାମ୍ୟ ହରାଇ ଟ୍ରାକ୍ ପାଖକୁ ପଡ଼ିଗଲେ, ଟ୍ରେନ ତଳେ ଟାଣି ହୋଇଯିବାର ଆଶଙ୍କା ଥିଲା। ବସନ୍ତ ପଲାଇ ନାମକ ଆରପିଏଫ ଜଣଙ୍କ ତୁରନ୍ତ ହସ୍ତକ୍ଷେପ କରି ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ଟାଣି ଆଣିଥିଲେ। ତାଙ୍କର ତ୍ୱରିତ୍ ପଦକ୍ଷେପ ଏକ ଗୁରୁତର ଦୁର୍ଘଟଣାରୁ ଯାତ୍ରୀ ଜଣକ ବର୍ତ୍ତିଥିଲେ। ଉଦ୍ଧାର ସମୟରେ ନିକଟରେ ଉପସ୍ଥିତ ଅନ୍ୟ ଯାତ୍ରୀମାନେ ମଧ୍ୟ ସହାୟତା ପାଇଁ ଆଗେଇ ଆସିଥିଲେ ।ଘଟଣା ପରେ, ଯାତ୍ରୀଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ତାଙ୍କ ଯାତ୍ରା ଜାରି ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ତାଙ୍କୁ ଅନ୍ୟ ଏକ ଟ୍ରେନ୍ ଯୋଗେ ଭୁବନେଶ୍ୱର ପଠାଯାଇଥିଲା।

# ଖୁବ୍‌ଶୀଘ୍ର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା'

ଭୁବନେଶ୍ୱର,୨୨।୪: ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳଗୁଡିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି । ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳ ଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି । ଏହା କେବଳ "ଏକ ବିଲ୍‌ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା" । ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା। ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡିକ କେବଳ ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ, ମୋଦି ସରକାର ସେମାନଙ୍କୁ ପ୍ରକୃତ ସଶକ୍ତିକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତବର୍ଷ




★ ଜନ୍ମ ସମୟରେ ୨୦ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ଲକ୍ଷ ୧ ଟଙ୍କା
★ ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ
★ ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ
★ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ

କାଶ୍ମୀରର ଘାଟିରେ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯାଇଥିବା ମହିଳା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମୋଦି ସରକାର 'ଅପରେସନ ସିନ୍ଦୂର' ମାଧ୍ୟମରେ ଆତଙ୍କବାଦୀଙ୍କୁ ସମୁଚିତ ଜବାବ ଦେଇ ପ୍ରମାଣିତ କରିଛନ୍ତି ଯେ, ଭାରତୀୟ ନାରୀର ସମ୍ମାନ ଉପରେ ଅଙ୍ଗୁଳି ଉଠାଉଥିବା ବ୍ୟକ୍ତି ନିଶ୍ଚିତ ଦଣ୍ଡ ପାଇବେ । ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାସହ ସେ ଘୋଷଣା କରିଛନ୍ତି ଯେ ଖୁବ୍‌ଶୀଘ୍ର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ ହେବ, ଯେଉଁଥିରେ ଜନ୍ମ ସମୟରେ ୨୦ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ । ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ମୋଦିଙ୍କ ଉପରେ ନାରୀମାନଙ୍କ ଭରସା ଅଛି, ଆଗାମୀ ଦିନରେ ଏହା ପୂରଣ ହେବ । ନାରୀଙ୍କ ଅଧିକାର ପାଇଁ ଲଢେଇ ଜାରି ରହିବ । ଯେଉଁ ନାରୀ ପରିବାର ଚଳାଏ, ସେ ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ବି କରିପାରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ୫ ଘଣ୍ଟା ଧରି ଟ୍ରାଫିକ ଜାମ୍ !

### ଚଳନ୍ତା ଟ୍ରକରେ ନିଆଁ, ସୁରକ୍ଷିତ ଉଦ୍ଧାର ଡ୍ରାଇଭର ଓ ହେଲପର

ଭୁବନେଶ୍ୱର,୨୨।୪(ନିପ୍ର): ରାଜଧାନୀ ଭୁବନେଶ୍ୱରର ପଳାଶୁଣୀ ଛକର ଜାତୀୟ ରାଜପଥ (ଏନ୍‌ଏଚ) ଉପରେ ବୁଧବାର ଅପରାହ୍ନରେ ଏକ ଚଳନ୍ତା ଟ୍ରକରେ ହଠାତ୍ ନିଆଁ ଲାଗିଥିଲା। ଫଳରେ ନିଆଁ ହୁତୁ ହୁତୁ ଜଳିବା ସହ ଟ୍ରକର ଚାରିପଟକୁ ବ୍ୟାପି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ଏନେଇ ତୁରନ୍ତ ଟ୍ରକ ଚାଳକ ଏବଂ ହେଲପରଙ୍କୁ ଜଣାଇବାରୁ ସେମାନେ ଗାଡିକୁ ସାଇଡ କରି ଗାଡିରୁ ଓହ୍ଲାଇ ପଡିଥିଲେ। ଫଳର ଉଭୟ ଏକ ନିର୍ଦ୍ଦିଷ୍ଟ ଅଘଟଣରୁ ବର୍ତ୍ତି ଯାଇଥିଲେ। ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ ଚାଳକ ଏବଂ ଅନ୍ୟାନ୍ୟ ଲୋକଙ୍କ ସୁରକ୍ଷା ପାଇଁ ଦମକଳ ବାହିନୀର ତ୍ୱରିତ ପଦକ୍ଷେପ ପ୍ରଶଂସନୀୟ ଥିଲା। ନିଆଁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ନିଆଁର କାରଣ ଜାଣିବା ପାଇଁ ଅନୁସନ୍ଧାନ ଚଳାଇଛି। ଖାଲି ବୁଧବାର ନୁହେଁ ପୂର୍ବରୁ ଅନେକ ଥର ଟ୍ରାଫିକ ଜାମରେ ଆମ୍ବୁଲାନ୍ସ ଫସିଥିବା ନଜରକୁ ଆସିଛି। ପଳାଶୁଣୀ ଛକ ତଥା ଓଭରବ୍ରିଜ୍ ଓ ଆଖପାଖ ଏନ୍‌ଏଚ୍‌-୧୬ କରିଡରରେ ଭାରୀ ବାଣିଜ୍ୟିକ ଯାନବାହନ, ସଂକୀର୍ଣ୍ଣ ଲେନ୍ ଓ ଚଳନ୍ତି ନିର୍ମାଣ କାର୍ଯ୍ୟ ଯୋଗୁଁ ପ୍ରାୟତଃ ଟ୍ରାଫିକ୍ ଜାମ୍ ହେଉଛି। ପଳାଶୁଣୀ ଅଞ୍ଚଳବାସୀଙ୍କ ଲାଗି ଏହା ଏକ ନିୟମିତ ସମସ୍ୟା ହୋଇଥିବାବେଳେ ବୁଧବାର ଏହି ସମସ୍ୟା ଟ୍ରକ ଅଗ୍ନିକାଣ୍ଡ ଲାଗି ସବୁ ସୀମା ପାର କରିଛି। କଟକ-ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚାଳକମାନେ ହଇରାଣ ହରକତ ହୋଇଥିଲେ। ପ୍ରାୟ ୫ ଘଣ୍ଟା ଧରି ଟ୍ରାଫିକ ଜାମ୍ ହୋଇଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି।



### ଖରିଫ୍ ଋତୁ ପାଇଁ ବଡ଼ ପଦକ୍ଷେପ

## ଚାଷୀଙ୍କୁ ମିଳିବ ୧୧,୫୦୦ କୋଟିର ଋଣ

ଭୁବନେଶ୍ୱର,୨୨।୪: ରାଜ୍ୟର କୃଷି କ୍ଷେତ୍ର ହେବ ଅଧିକ ଗତିଶୀଳ । ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ସରକାର । ଏଥିପାଇଁ ଚଳିତ ଖରିଫ ୨୦୨୬ ଋତୁ ପାଇଁ ଏକ ବୃହତ୍ ଋଣ ଯୋଜନା ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏଥର ଖରିଫ ଋତୁରେ ସମବାୟ ବ୍ୟାଙ୍କଗୁଡ଼ିକ ଜରିଆରେ ଚାଷୀଙ୍କୁ ମୋଟ ୧୧,୫୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।



ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ, ସମବାୟ ବ୍ୟାଙ୍କ, ପ୍ୟାକ୍ସ ଓ ଅନ୍ୟାନ୍ୟ ବ୍ୟାଙ୍କ ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଉଥିବା ଚାଷୀଙ୍କ ପାଇଁ ସୁଧ ହାର ଶୂନ୍ୟ ପ୍ରତିଶତ ରହିବ । ସେହିପରି ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଚାଷୀଙ୍କ ପାଇଁ ସୁଧ ହାର ମାତ୍ର ୨ପ୍ରତିଶତ ରହିବ । ଯଦି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଣିକି ପ୍ୟାକ୍ସ ଜରିଆରେ ସମସ୍ତ ସ୍ୱଳ୍ପମିଆଦି କୃଷି ଋଣ କେବଳ ଅନଲାଇନ୍ ମାଧ୍ୟମରେ ହିଁ ପ୍ରଦାନ କରାଯିବ । ଯେଉଁ ପ୍ୟାକ୍ସଗୁଡ଼ିକ ଅନଲାଇନ୍ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି, ସେମାନଙ୍କୁ ଖରିଫ -୨୦୨୬ ପାଇଁ ରିଫାଇନାନ୍ସ ସୁବିଧା ମିଳିବ ନାହିଁ । ଋଣ ଟଙ୍କା ସିଧାସଳଖ ଚାଷୀଙ୍କ ସଞ୍ଚୟ ବ୍ୟାଙ୍କ ଖାତାକୁ ଯିବ । ଯାହା ପାଇଁ ଚାଷୀଙ୍କ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯାଇଛି ।ରାଜ୍ୟର କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବଳରାମ ଯୋଜନା ଜରିଆରେ ଭାଗଚାଷୀ, ଜମିହୀନ ଚାଷୀ ଏବଂ ମୌଖିକ ଲିଜ୍ ଧାରିଙ୍କୁ ମଧ୍ୟ ଅଧିକ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ୟାକ୍ସଗୁଡ଼ିକ ନିଜର ମୋଟ ଋଣର ଅତିକମରେ ୧୦ପ୍ରତିଶତ ଏହି ବର୍ଗର ଚାଷୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### କ୍ୟାବିନେଟ୍: ଓଡ଼ିଶା ସହର ଗ୍ୟାସ୍ ବଣ୍ଟନ ନୀତି ମଂଜୁର

## କାଠଯୋଡ଼ିରେ ହେବ ନୂତନ ସେତୁ

ଭୁବନେଶ୍ୱର,୨୨।୪: ବୁଧବାର ଓଡ଼ିଶା କ୍ୟାବିନେଟ୍ ଓଡ଼ିଶା ସହର ଗ୍ୟାସ୍ ବଣ୍ଟନ (ସିଜିଡି) ନୀତିକୁ ଅନୁମୋଦନ କରିଛି। ଏହା ଦ୍ୱାରା ରାଜ୍ୟ ସାରା ପିଏନଜି ଏବଂ ସିଏନଜି ଭିତ୍ତିଭୂମିର ପ୍ରସାର ତ୍ୱରାନ୍ୱିତ ହେବ। ଗୃହ ଏବଂ ନଗର ଉନ୍ନୟନ ବିଭାଗ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ, ଯାହାକୁ ରାଜ୍ୟସ୍ତରୀୟ ଉଚ୍ଚ-କ୍ଷମତାପ୍ରାପ୍ତ କମିଟି ଏବଂ ଜିଲ୍ଲା ମନିଟରିଂ କମିଟି ଦ୍ୱାରା ସମର୍ଥିତ କରାଯିବ ।ଡିଜିଟାଲ୍ ଶାସନ ଏବଂ ତଥ୍ୟ ସୁରକ୍ଷାକୁ ଉନ୍ନତ କରିବା ପାଇଁ କ୍ୟାବିନେଟ୍ ଓଡ଼ିଶା ରାଜ୍ୟ ତଥ୍ୟ ନୀତି ୨.୦କୁ ଅନୁମୋଦନ କରିଛି। ଭାରତୀୟ



ଷ୍ଟାମ୍ପ ଆଇନରେ ଏକ ସଂଶୋଧନ ଗୃହୀତ ହୋଇଛି, ସାଧାରଣ କ୍ଷେତ୍ର ସ୍ଥାନାନ୍ତର ପାଇଁ ଆଲେଟୀ ସଂଘ ପାଇଁ ଷ୍ଟାମ୍ପ ଶୁଳ୍କ ୫୦,୦୦୦ ପର୍ଯ୍ୟନ୍ତ ସୀମିତ କରାଯାଇଛି, ଏବଂ ବ୍ୟକ୍ତିଗତ ଆପାର୍ଟମେଣ୍ଟ କ୍ରେତାଙ୍କ ପାଇଁ ୫% ସମାନ ହାର ସ୍ଥିର କରାଯାଇଛି। ୫୬ ସହଯୋଗୀ ସ୍ୱାସ୍ଥ୍ୟ ବୃତ୍ତିକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ରାଜ୍ୟ ସହଯୋଗୀ ଏବଂ ସ୍ୱାସ୍ଥ୍ୟସେବା ପରିଷଦ ନିୟମ, ୨୦୨୪ କୁ ଅନୁମୋଦନ କରାଯାଇଛି। କାଠଯୋଡି ନଦୀ ଉପରେ ଏକ ନୂତନ ସେତୁ ପାଇଁ ଅନୁମୋଦନ ଦିଆଯାଇଛି। ସରକାରୀ ସେବା ଅଧିକାର ନିୟମ ଅନୁଯାୟୀ ଏକ ସ୍ୱୟଂ-ଆବେଦନ ବ୍ୟବସ୍ଥାକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛି।

# ଦିନ ୧୧ଟାରୁ ୩ଟା ଜନଗଣନା ମନା

■ ସୁରକ୍ଷା ପାଇଁ ଏସଓପି ଜାରି ଓ ଆବଶ୍ୟକ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ■ ମୃତାହତ ଘଟଣାରେ କ୍ଷତିପୂରଣ ଯୋଗାଇ ଦିଆଯିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୨।୪(ନିପ୍ର): ପ୍ରଥମ ପର୍ଯ୍ୟାୟ ଜନଗଣନା ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ପୂଜାରୀ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି ରାଜ୍ୟରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲ ୨୦୨୬ରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଆବାସ ଗଣନା ଚାଲୁରହିଛି । ଏହି ପରିପ୍ରେକ୍ଷୀରେ ଜନଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନେ ଘରକୁ ଘର ବୁଲି ଘରର ଅବସ୍ଥା, ପାରିବାରିକ ସୁବିଧା ଏବଂ ପରିବାର ସମ୍ବନ୍ଧିତ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ,ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାମ୍ନାକୁ ଆସିଥିବା କିଛି ଘଟଣା ସମ୍ପର୍କରେ ରାଜ୍ୟସରକାର ଚିନ୍ତାପ୍ରକଟ କରିବା ସହ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ସଜାଗ ରହିଛନ୍ତି । ଏ



ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସମସ୍ତ ପ୍ରମୁଖ ଜନଗଣନା ଅଧିକାରୀ ତଥା ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମ୍ୟୁନିସିପାଲ୍ ଅଫିସରମାନଙ୍କୁ ଚିଠି ଲେଖିଛନ୍ତି । ବିଶେଷ ଭାବେ ଗ୍ରୀଷ୍ମପ୍ରବାହ ତଥା ପ୍ରଚଣ୍ଡ ତାତିଜନିତ ସମସ୍ୟାର ମୁକାବିଲା, କାର୍ଯ୍ୟ ସମୟରେ ରହିଥିବା ବିଭିନ୍ନ ବିପଦକୁ ଚିହ୍ନଟ କରିବା ସହ ଜନଗଣନାକାରୀଙ୍କୁ ନିୟମିତ ଭାବେ ଟ୍ରାକ୍ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏହାବ୍ୟତୀତ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଗଣନାକାରୀଙ୍କୁ ସେମାନଙ୍କ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି ; ଯାହା ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରୁଖୁରୁରେ ଏବଂ ନିର୍ଭୁଲ ଭାବେ ତଥ୍ୟ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଧିକାରୀମାନେ ଜନଗଣନା କରିବେ ନାହିଁ । ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ସ୍ଥଗିତ ରଖିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନଗଣନାକାରୀଙ୍କ ପ୍ରାଥମିକ ଆବଶ୍ୟକତା ତଦାରଖ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ସୁରକ୍ଷା ପାଇଁ ଏସଓପି ଜାରି କରି ଗୃହ ବିଭାଗ ସହ ଆଲୋଚନା କରି ପୋଲିସ ପ୍ରଶାସନକୁ ଦାୟିତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜନଗଣନା କାର୍ଯ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୁଖ୍ୟତଃ ନିୟୋଜିତ ହୋଇଥିବାରୁ ବିଦ୍ୟାଳୟରେ ଶିଶୁମାନଙ୍କ ପାଠପଢ଼ା ଏବଂ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ଖରାଛୁଟି ସମୟରେ ଅନଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଛି । ଜନଗଣନା କାର୍ଯ୍ୟରେ ମୃତାହତ ଘଟଣାରେ ଆବଶ୍ୟକସ୍ଥଳେ ବିପର୍ଯ୍ୟୟ ପରିଚାଳନା ପାଣ୍ଠି କିମ୍ବା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଅଥବା ରେଡକ୍ରସ୍ ପାଣ୍ଠିରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଏବଂ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଳ ପଓ୍ୱନ କଲ୍ୟାଣ ଉପସ୍ଥିତ ଥିଲେ।

### ଜନଗଣନା ବେଳେ ଜୀବନ ଡର !

## ୩ ଜଣଙ୍କୁ ବାନ୍ଧିଲା ପୋଲିସ

କାମାକ୍ଷାନଗର,୨୨।୪: କାମାକ୍ଷାନଗର ମହିମାନଗରରେ ଅଭାବନୀୟ ଘଟଣା ଘଟିଛି। ସାରା ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁରହିଥିବାବେଳେ କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା ଜଣେ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏଥିରେ ୪ଜଣ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା କର୍ମଚାରୀ ଅଛନ୍ତି। ସେମାନଙ୍କ ମୁହଁରେ ଗଭୀର ଆଘାତ ଲାଗିଛି । କାମାକ୍ଷାନଗର ଏନଏସି ତିନି ନମ୍ବର ୱାର୍ଡ ମହିମାନଗର ସାହିରେ ଏଭଳି ଅଘଟଣ ଘଟିଛି। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଦୁଇ ପୁଅ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଜନଗଣନା କରୁଥିବା ଦିଦିଙ୍କ ଗାଡି ମଧ୍ୟ ଭାଙ୍ଗି ଦେଇଛନ୍ତି। ଏହାସହ ପଥର ଧରି ମାରିବାକୁ ଗୋଡାଇଥିବା ଅଭିଯୋଗ ହୋଇଛି । ଖବର ପାଇ କାମାକ୍ଷାନଗର ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଓ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । କାମାକ୍ଷାନଗର ଅନ୍ତର୍ଗତ ଅନନ୍ତପୁର ସାହିରେ ବାପା ଓ ଦୁଇ ପୁଅ ଜନଗଣନା ଦାୟିତ୍ୱରେ ଥିବା ୪ଜଣ ଅଧିକାରୀଙ୍କୁ ନିସ୍ତୁକ ମାଡ଼



ମାରିବା ସହିତ ତାଙ୍କ ଗାଡି ଭାଙ୍ଗି ଦେଇଛନ୍ତି । ଏହି ଆକ୍ରମଣର ଶିକାର ହୋଇଥିବା ଅଧିକାରୀମାନେ ହେଲେ ଜନଗଣନା ଚାର୍ଜ କିରାଣୀ ରଘୁନାଥ ଦୀକ୍ଷିତ, ସର୍କଲ-୨ର ସୁପରଭାଇଜର ମଧୁସ୍ମିତା ବେହେରା, କର୍ମଚାରୀ ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବୀରେନ ବେହେରା। କାମାକ୍ଷାନଗର ବିଜ୍ଞାପିତ ପରିଷଦ ଅନ୍ତର୍ଗତ ଅନନ୍ତପୁର ସାହିକୁ ଜନଗଣନା କରିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି ।ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ବାନ୍ଧିଛି ।ଅନନ୍ତପୁର ସାହିରେ ନିକୁଞ୍ଜ ଶତପଥୀଙ୍କ ଘରକୁ ଜନଗଣନା ପାଇଁ ବୁଧବାର ଅଧିକାରୀ ମାନେ ଯାଇଥିଲେ। ଏହି ସମୟରେ ନିକୁଞ୍ଜ ଶତପଥୀ ଏବଂ ତାଙ୍କ ୨ ପୁଅ ଏହି ଜଣଗଣନା କର୍ମଚାରୀମାନଙ୍କ ଉପରେ ଆକ୍ରମଣ କରିଥିଲେ । ନିକୁଞ୍ଜଙ୍କୁ କିଛି ତଥ୍ୟ ପଚାରିବା ପୂର୍ବରୁ ଖୋଦ ନିକୁଞ୍ଜ ଓ ତାଙ୍କ ୨ ପୁଅ ଏହି ଜନଗଣନା କର୍ମଚାରୀ ମାନଙ୍କୁ ଆକ୍ରମଣ କରିଥିଲେ । ଅଧିକାରୀଙ୍କ ବାଇକ ସହ ସ୍କୁଟିକୁ ଭଙ୍ଗାରୁଜା କରିଥିଲେ । ଏପରିକି ଅଧିକାରୀମାନଙ୍କୁ ଗୋଡେଇ ଗୋଡେଇ ମାଡ଼ ମାରିଥିଲେ । ଏହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି ।

# ରାମେଶ୍ୱରମ

ଅବସ୍ଥାନ: ତାମିଲନାଡୁର ପାମ୍ବନ ଦ୍ୱୀପରେ
ଦେବତା: ଭଗବାନ ଶିବ ଏଠାରେ ରାମନାଥସ୍ୱାମୀ ରୂପରେ ପୂଜା ପାଉଛନ୍ତି
ମହତ୍ତ୍ୱ: ରାମେଶ୍ୱରମ୍ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ରାମାୟଣ ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଲଙ୍କା ଯାତ୍ରା ପୂର୍ବରୁ ଏଠାରେ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହା ଶୈବ ଓ ବୈଷ୍ଣବ ସମ୍ପ୍ରଦାୟର ମିଳନ ସ୍ଥଳ। ବିଶେଷତା: ମନ୍ଦିରରେ ୨୨ଟି ପବିତ୍ର କୂଅ (ତୀର୍ଥ) ରହିଛି, ଯେଉଁଥିରେ ସ୍ନାନ କରି ଭକ୍ତମାନେ ପୁଣ୍ୟ ଲାଭ କରନ୍ତି। ଏହି ମନ୍ଦିର ବିଶ୍ୱର ଦୀର୍ଘତମ ମନ୍ଦିର ମଧ୍ୟରୁ ଗୋଟିଏ। ଐତିହାସିକ ମହତ୍ତ୍ୱ: ରାମେଶ୍ୱରମ୍ ରାମାୟଣର ଏକ ପ୍ରମୁଖ ସ୍ଥାନ। ନିକଟସ୍ଥ ରାମସେତୁ (ଆଦମ ସେତୁ) ଐତିହାସିକ ଓ ପୌରାଣିକ ମହତ୍ତ୍ୱ ରଖେ।



ହିନ୍ଦୁ ପୁରାଣ ଅନୁସାରେ ଲଙ୍କାର ଦୁଷ୍ଟ ରାକ୍ଷସ,ରାବଣ କବଳରୁ ସୀତାଙ୍କୁ ଉଦ୍ଧାର କରିବାପାଇଁ ରାମଙ୍କୁ ରାମେଶ୍ୱରମରୁ ଶ୍ରୀଲଙ୍କା (ଲଙ୍କା) ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରିବାକୁ ପଡ଼ିଥିଲା। ଏଥିପାଇଁ ସେ ବାନର ସେନାର ସହଯୋଗ ମଧ୍ୟ ଲୋଡ଼ିଥିଲେ। ବିଷ୍ଣୁଙ୍କର ସପ୍ତମ ଅବତାର ହେଉଛନ୍ତି ରାମ। ରାମଙ୍କ ଈଶ୍ୱର ରାମେଶ୍ୱର ଭାବେ ସର୍ବବିଦିତ ହୁଅନ୍ତି ଶିବ।



ରାମେଶ୍ୱର ସହରର କେନ୍ଦ୍ରସ୍ଥଳରେ ରହିଛି ସ୍ୱାମୀନାଥ ମନ୍ଦିର।ଏହି ମନ୍ଦିରରେ ରାମେଶ୍ୱର ପୂଜା ପାଆନ୍ତି।ଏଥିପାଇଁ ସହରର ନାମ ହୋଇଛି ରାମେଶ୍ୱରମ୍।ଦ୍ୱାଦଶ ଶତାବ୍ଦୀରେ ପାଣ୍ଡ୍ୟ ରାଜବଂଶଦ୍ୱାରା ରାମନାଥସ୍ୱାମୀ ମନ୍ଦିର ନିର୍ମାଣ କରାଯାଇଥିଲା।

ତାମିଳନାଡୁର ରାମନାଥପୁରମ ଜିଲ୍ଲା ଅନ୍ତର୍ଗତ ପମ୍ବନ ଦ୍ୱୀପାଞ୍ଚଳସ୍ଥିତ ରାମେଶ୍ୱରମ ଏକ ପବିତ୍ର ସହର।ଏହି ସହର ଭାରତର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ ହୋଇଆସୁଛି। ଏଠାରେ ପ୍ରସିଦ୍ଧ ରାମନାଥସ୍ୱାମୀ ମନ୍ଦିର ଅବସ୍ଥିତ।ଭାରତର ପ୍ରସିଦ୍ଧ ଚାରି ଧାମ ମଧ୍ୟରେ ରାମେଶ୍ୱରମର ସ୍ଥାନ ସ୍ୱତନ୍ତ୍ର। ଏଠାରେ ରହିଛି ଏକ ବୃହଦାକର ଜ୍ୟୋତିର୍ଲିଙ୍ଗ। ରାମେଶ୍ୱରମକୁ ଦକ୍ଷିଣ ଭାରତର ବନାରସ ବୋଲି କୁହାଯାଏ। ସହର ନାମ ଅନୁସାରେ ନାମ ହୋଇଛି ରାମେଶ୍ୱରମ୍ ଦ୍ୱୀପ।ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଯେଉଁ ସମୁଦ୍ର ରହିଛି ତାହା ଉପରେ ସେତୁ ଥିବାରୁ ଏହାର ନାମକରଣ ହୋଇଛି ସେତୁ ସମୁଦ୍ରମ। ରାମେଶ୍ୱରମ ଅଭ୍ୟନ୍ତରରେ ଏବଂ ବାହାରେ ରହିଛି ୬୪ଟି ପବିତ୍ର ଜଳାଶୟ। ପୁରାଣ ଅନୁସାରେ ଏଗୁଡ଼ିକ ମଧ୍ୟରୁ ୨୪ଟିର ମହିମା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।ଏହିସବୁ ଜଳାଶୟର ଜଳର ସ୍ୱାଦ ଭିନ୍ନଭିନ୍ନ। ଏବଂ ଏଠାରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ, ସେତୁକରାଇ, ରାମେଶ୍ୱରମ ବେଳାଭୂମି, ପମ୍ବନ ରେଳ ସେତୁ, ଧନୁଷକୋଡ଼ି, ଅଗ୍ନିତୀର୍ଥ, ଏରୱାଡ଼ି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ।




## ଜ୍ଞାନ ପ୍ରାପ୍ତି

ଜଣେ ଯୁବକ ଜ୍ଞାନ-ପ୍ରାପ୍ତି ପାଇଁ ଋଷିଙ୍କ ପାଖକୁ ଗଲା। ବହୁତ ଦିନ ଧରି ତାଙ୍କ ସହିତ ରହି ଜ୍ଞାନ ଲାଭ କଲା। ଯେତେବେଳେ ଘରକୁ ଫେରିବାର ବେଳ ହେଲା, ତାକୁ ନିଜର ଗୁରୁଙ୍କ ଦକ୍ଷିଣା ଦେବା ପାଇଁ ମନ ହେଲା। ଗୁରୁ-ଦକ୍ଷିଣା ରୂପରେ ଋଷି ଗୋଟିଏ ଏମିତି ଜିନିଷ ମାଗିଲେ ଯାହା ପୂରା ବ୍ୟର୍ଥ ହୋଇଥିବ। ଏବେ ଶିଷ୍ୟ ବ୍ୟର୍ଥ ଜିନିଷ ଖୋଜିବା ପାଇଁ ବାହାରି ପଡ଼ିଲା। ଶିଷ୍ୟ ଯେତେବେଳେ ମାଟି ଆଡ଼କୁ ହାତ ବଢ଼େଇଲା। ସେ ସମୟରେ ମାଟି ଚିହିଁକି ପଡ଼ି କହିଲା, ତୁମେ ମୋତେ ବ୍ୟର୍ଥ ଭାବୁଛ ଧରା ପୃଷ୍ଠରେ ସବୁ ବୈଭବ ମୋ ଗର୍ଭରୁ ହିଁ ପ୍ରକଟ ହୋଇଥାଏ। କିଛି ଦୂରରେ ଗୋଟିଏ ପଥର ଥିଲା, ଯେମିତି ସେ ପଥର ଆଡ଼କୁ ହାତ ବଢ଼େଇଲା ପଥର କହିଲା- ତୁମେ ଜ୍ଞାନୀ ହୋଇ ମୋତେ ବେକାର ଭାବୁଛ ଏହି ଭବନ, ନଦୀ, ନାଳ, ପର୍ବତରେ କ'ଣ ମୁଁ ନାହିଁ ତୁମେ ମୋତେ କାହିଁକି ବ୍ୟର୍ଥ ଭାବୁଛ ବୁଲି ବୁଲି ଶେଷରେ ଅଳିଆ ଗଦା ମିଳିଲା। ପାଖକୁ ଗଲା ବେଳେ ତା' ମନରେ ଘୃଣା ଭାବ ଆସିବାକୁ ଲାଗିଲା। ସେ ଅଳିଆ ଗଦା ଦିଗରେ ହାତ ବଢ଼େଇଲା ବେଳକୁ ଅଳିଆ ଗଦା କହିଲା, କ'ଣ ମୋଠୁ ଭଲ ସାର ଏ ଧରା ପୃଷ୍ଠରେ ମିଳିବ ଏଠି ଅନ୍ନ, ଫଳ ସବୁ ଲୁକ୍‌କାୟିତ ଅଛି, ଆଉ ତୁମେ ମୋତେ ବ୍ୟର୍ଥ ଭାବୁଛ ସେ ଏବେ ଭାବିବାକୁ ଲାଗିଲା ମାଟି, ପଥର, ଅଳିଆ ଗଦା ଯଦି ଏତେ ମୂଲ୍ୟବାନ ତା'ହେଲେ ବ୍ୟର୍ଥ କ'ଣ ଠିକ୍ ସେତିକି ବେଳକୁ ତା' ମନରେ ଗୋଟିଏ ଶବ୍ଦ ଗୁଞ୍ଜରିତ ହେବାକୁ ଲାଗିଲା, ଏ ସୃଷ୍ଟିରେ ସବୁ ପଦାର୍ଥ ନିଜ ପାଇଁ ଉପଯୋଗୀ। ବ୍ୟର୍ଥ ଆଉ ତୁଚ୍ଛ ସେଇ ଯେ ଅନ୍ୟମାନଙ୍କୁ ବ୍ୟର୍ଥ ଆଉ ତୁଚ୍ଛ ବୁଝିଥାଏ।

# କେବେ ପତ୍ରଝଡ଼ା ଦିଏନି ଏହି ବଟ ବୃକ୍ଷ

## ହଜାର ବର୍ଷ ପ୍ରାଚୀନ ଏହାର ଇତିହାସ, ହେଲେ ନାହିଁ ଓହଳ

ଉତ୍ତରପ୍ରଦେଶ ମୁଜାଫରନଗରର ମୋରନାରେ ରହିଛି ଏକ ବଟବୃକ୍ଷ। ଯାହାକୁ କେବଳ ସ୍ଥାନୀୟ ଅଞ୍ଚଳ କାହିଁକି ସମସ୍ତ ଦେଶରେ ଲୋକେ ଅକ୍ଷୟ ବଟ ନାମରେ ଜାଣନ୍ତି। କୁହାଯାଏ ଏହି ବଟ ବୃକ୍ଷର ଇତିହାସ ମହର୍ଷି ବ୍ୟାସଙ୍କ ପୁତ୍ର ଶୁକଦେବଙ୍କ ସହ ଜଡିତ। ମହାଭାରତ କାଳର ଏହି ବଟବୃକ୍ଷକୁ ନେଇ ରହିଛି ଅନେକ ରୋଚକ କଥା। ତେବେ ସବୁଠୁ ବଡ କଥା ହେଉଛି ବର୍ଷରେ ପ୍ରତ୍ୟେକ ବଟବୃକ୍ଷ ଥରେ ପତ୍ରଝଡା ଦେଇଥାଏ। ହେଲେ ଏହି ବୃକ୍ଷ କେବେ ପତ୍ରଝଡା ଦିଏନି କି ଏତେ କାଳର ବରଗଛ ହୋଇ ମଧ୍ୟ ଏହାର ଗୋଟିଏ ଓହଳ ବି ନାହିଁ। ପୌରାଣିକ ଆଖ୍ୟାନ ଅନୁସାରେ ଏହି ବୃକ୍ଷ ମୂଳରେ ମହାରାଜ ପରୀକ୍ଷିତଙ୍କୁ ଶାପମୁକ୍ତ କରିବା ଲାଗି ଶୁକମୁନି ଭାଗବତ ଶୁଣାଇଥିଲେ। ପରୀକ୍ଷିତ ମହାରାଜ ତୃଷାର୍ତ୍ତ ହୋଇ ମୁନିଙ୍କୁ ଜଳଦାନ ଲାଗି ନିବେଦନ କରିଥିଲେ। ତେବେ ଧ୍ୟାନସ୍ଥ ମୁନି ତାଙ୍କ କଥାର କୌଣସି ଜବାବ ନ ଦେବାରୁ ପରୀକ୍ଷିତ ତାଙ୍କ ଗଳାରେ ମଲା ସାପ ପକାଇଦେଥିଲେ। ଏଥିଲାଗି ମୁନିଙ୍କ ପୁତ୍ର ପରୀକ୍ଷିତଙ୍କୁ ତକ୍ଷକ ଦଂଶନରେ ତାଙ୍କର ମୃତ୍ୟୁ ହେବ ବୋଲି କ୍ରୋଧରେ ଅଭିଶାପ ଦେଇଥିଲେ। ଏଣୁ ମୁନି ପୁତ୍ରଙ୍କ ଅଭିଶାପରେ ପରୀକ୍ଷିତଙ୍କ ମୃତ୍ୟୁ ନିଶ୍ଚିତ ଥିଲା। ଏଥିଲାଗି ତାଙ୍କୁ ଶାପମୁକ୍ତ କରିବା ନିମନ୍ତେ ଶୁକମୁନି ତାଙ୍କୁ ଭାଗବତ କଥା ଶୁଣାଇ ମୋକ୍ଷ ପ୍ରଦାନ କରିଥିଲେ। ଅକ୍ଷୟ ବଟ ନାମାନୁସାରେ ଅକ୍ଷୟ ଅର୍ଥାତ୍ ଏହାର କ୍ଷୟ ନାହିଁ। କୁମ୍ଭ ମେଳା ଓ ବିଶେଷ ଅବସରରେ କେବଳ ଅକ୍ଷୟବଟ ସର୍ବସାଧାରଣଙ୍କ ଲାଗି ଉନ୍ମୁକ୍ତ ହୁଏ। ଅନ୍ୟଥା ଏହାକୁ କଡା ସୁରକ୍ଷା ମଧ୍ୟରେ ପ୍ରାଚୀର ବେଷ୍ଟନୀ କରି ରଖାଯାଇଛି।



# ମନ୍ଦୋଦରୀ

## ଲଙ୍କାର ରାଜା ରାବଣଙ୍କ ରାଣୀ

ହିନ୍ଦୁ ମହାକାବ୍ୟ ରାମାୟଣ ଅନୁସାରେ, ମନ୍ଦୋଦରୀ ଲଙ୍କାର ରାଜା ରାବଣଙ୍କ ରାଣୀ ପତ୍ନୀ ଥିଲେ। ରାମାୟଣ ତାଙ୍କୁ ସୁନ୍ଦର, ଧାର୍ମିକ ଏବଂ ଧାର୍ମିକ ଭାବରେ ବର୍ଣ୍ଣନା କରେ। ତାଙ୍କୁ ପଞ୍ଚକନ୍ୟାମାନଙ୍କ ମଧ୍ୟରୁ ଜଣେ ଭାବରେ ପ୍ରଶଂସା କରାଯାଏ, ଯାହାଙ୍କ ନାମର ଆବୃତ୍ତି ପାପ ଦୂର କରେ ବୋଲି ବିଶ୍ୱାସ କରାଯାଏ। ମନ୍ଦୋଦରୀ ଅସୁର (ଦାନବ) ଏବଂ ଅପସରା (ସ୍ୱର୍ଗୀୟ ଅପସ୍ମାର) ହେମାଙ୍କ କନ୍ୟା ଥିଲେ। ସେ ରାବଣଙ୍କୁ ବିବାହ କରନ୍ତି ଏବଂ ଚାରି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅହିରାବଣ, ଅତିକାୟ ଏବଂ ଅକ୍ଷୟକୁମାର। ତାଙ୍କ ସ୍ୱାମୀଙ୍କ ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ଧାର୍ମିକତାର ପଥ ଅନୁସରଣ କରିବାକୁ ପରାମର୍ଶ ଦିଅନ୍ତି। ସେ ବାରମ୍ବାର ରାବଣଙ୍କୁ ସୀତାଙ୍କୁ ରାମଙ୍କ ନିକଟକୁ ଫେରାଇ ଦେବାକୁ ପରାମର୍ଶ ଦିଅନ୍ତି, କିନ୍ତୁ ତାଙ୍କ ପରାମର୍ଶ ବଧିର କାନରେ ପଡ଼ିଯାଏ। ରାମାୟଣରେ ରାବଣଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ବିଶ୍ୱସ୍ତତାର ପ୍ରଶଂସା କରାଯାଇଛି। ରାମାୟଣର ଏକ ସଂସ୍କରଣରେ, ହନୁମାନ ତାଙ୍କୁ କୌଶଳରେ ରାମ ରାବଣଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରୁଥିବା ଏକ ଯାଦୁକରୀ ତୀରର ସ୍ଥାନ ପ୍ରକାଶ କରିବାକୁ ପ୍ରବର୍ତ୍ତାନ୍ତି। ରାମାୟଣର ଅନେକ ସଂସ୍କରଣରେ କୁହାଯାଇଛି ଯେ ରାବଣର ମୃତ୍ୟୁ ପରେ, ବିଭୀଷଣ - ରାବଣଙ୍କ ସାନ ଭାଇ ଯିଏ ରାମଙ୍କ ସହ ମିଶିଥାନ୍ତି, ସେ ମନ୍ଦୋଦରୀଙ୍କ ପରାମର୍ଶରେ ଏପରି କରନ୍ତି।

### ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

ରାମାୟଣର ଉତ୍ତରା କାଣ୍ଡରେ ଉଲ୍ଲେଖ ଅଛି ଯେ ମାୟାସୁର ସ୍ୱର୍ଗ (ସ୍ୱର୍ଗ) ପରିଦର୍ଶନ କରିଥିଲେ, ଯେଉଁଠାରେ ଦେବତାମାନେ ତାଙ୍କୁ ଅପସରା ହେମାଙ୍କୁ ଦେଇଥିଲେ। ସେମାନଙ୍କର ଦୁଇ ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଏବଂ ଗୋଟିଏ ଝିଅ, ମନ୍ଦୋଦରୀ ଥିଲେ। ପରେ, ହେମା ସ୍ୱର୍ଗକୁ ଫେରିଗଲେ; ମନ୍ଦୋଦରୀ ଏବଂ ତାଙ୍କ ଭାଇଭଉଣୀମାନେ ସେମାନଙ୍କ ପିତାଙ୍କ ପାଖରେ ରହିଗଲେ। ମନ୍ଦୋଦରୀଙ୍କ ଜନ୍ମ ବିଷୟରେ ବିଭିନ୍ନ ବର୍ଣ୍ଣନା ଅଛି। ତେଲୁଗୁ ଗ୍ରନ୍ଥ ଉତ୍ତରା ରାମାୟଣରେ ଉଲ୍ଲେଖ ଅଛି ଯେ ମାୟାସୁର ଅପସରା ହେମାଙ୍କ ସହିତ ବିବାହ କରିଛନ୍ତି। ସେମାନଙ୍କର ଦୁଇଟି ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଅଛନ୍ତି, କିନ୍ତୁ ସେମାନେ ଏକ କନ୍ୟା ପାଇଁ ଆଗ୍ରହୀ, ତେଣୁ ସେମାନେ ଦେବତା ଶିବଙ୍କ କୃପା ପାଇବା ପାଇଁ ତପସ୍ୟା କରିବା ଆରମ୍ଭ କରନ୍ତି। ଏହି ସମୟରେ, ମଧୁରା ନାମକ ଏକ ଅପସରା ଶିବଙ୍କ ବାସସ୍ଥାନ କୈଳାସ ପର୍ବତରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ତାଙ୍କ ପତ୍ନୀ ପାର୍ବତୀଙ୍କ ଅନୁପସ୍ଥିତିରେ, ମଧୁରା ଦେବତାଙ୍କ ସହିତ ପ୍ରେମ କରନ୍ତି। ପାର୍ବତୀ ଫେରି ଆସିବା ପରେ, ସେ ମଧୁରାଙ୍କ ଛାତିରେ ତାଙ୍କ ସ୍ୱାମୀଙ୍କ ଶରୀରରୁ ପାଉଁଶର ଚିହ୍ନ ପାଆନ୍ତି। ଏଥିରେ ଉତ୍ତେଜିତ ହୋଇ ପାର୍ବତୀ ମଧୁରାଙ୍କୁ ଅଭିଶାପ ଦିଅନ୍ତି ଏବଂ ତାଙ୍କୁ ବାର ବର୍ଷ ପାଇଁ ଏକ କୂଅରେ ବେଙ୍ଗ ଭାବରେ ରହିବାକୁ ପଠାନ୍ତି। ଶିବ ମଧୁରାଙ୍କୁ କହିଥିଲେ ଯେ ସେ ଜଣେ ସୁନ୍ଦରୀ ମହିଳା ହେବେ ଏବଂ ଜଣେ ମହାନ ବୀର ପୁରୁଷଙ୍କ ସହିତ ବିବାହ କରିବେ। ବାର ବର୍ଷ ପରେ, ମଧୁରା ପୁଣି ଏକ ସୁନ୍ଦରୀ କନ୍ୟା ହୋଇ କୂଅରୁ ଜୋରରେ ଡାକୁଛନ୍ତି। ପାଖରେ ତପସ୍ୟା କରୁଥିବା ମାୟାସୁର ଏବଂ ହେମା ତାଙ୍କ ଡାକରାକୁ ଉତ୍ତର ଦିଅନ୍ତି ଏବଂ ତାଙ୍କୁ ନିଜ କନ୍ୟା ଭାବରେ ଗ୍ରହଣ କରନ୍ତି। ସେମାନେ ତାଙ୍କୁ ମନ୍ଦୋଦରୀ ଭାବରେ ପାଳନ କରନ୍ତି। ଏହି ସଂସ୍କରଣରେ, ରାକ୍ଷସ-ରାଜା ରାବଣ ଏବଂ ମନ୍ଦୋଦରୀଙ୍କ ପୁତ୍ର ମେଘନାଦ ମନ୍ଦୋଦରୀଙ୍କ ଶରୀରରେ ନିହିତ ଶିବଙ୍କ ବୀଜରୁ ଉତ୍ପନ୍ନ ହୋଇଥିବା କୁହାଯାଏ।





### ରାବଣଙ୍କ ସହିତ ବିବାହ:

ରାବଣ ମାୟାସୁରର ଘରକୁ ଆସି ମନ୍ଦୋଦରୀଙ୍କ ପ୍ରେମରେ ପଡ଼ିଯାଆନ୍ତି। ମନ୍ଦୋଦରୀ ଏବଂ ରାବଣ ଖୁବ୍ ଶୀଘ୍ର ବୈଦିକ ରୀତିନୀତି ସହିତ ବିବାହ କରନ୍ତି। ମନ୍ଦୋଦରୀ ରାବଣଙ୍କ ତିନି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅତିକାୟ ଏବଂ ଅକ୍ଷୟକୁମାର। ଯୋଧପୁରରୁ ୯ କିଲୋମିଟର ଉତ୍ତରରେ ଅବସ୍ଥିତ ଏକ ସହର ମାଣ୍ଡୋରକୁ ମନ୍ଦୋଦରୀଙ୍କ ଜନ୍ମସ୍ଥାନ ବୋଲି ବିଶ୍ୱାସ କରାଯାଏ। କିଛି ସ୍ଥାନୀୟ ବ୍ରାହ୍ମଣଙ୍କ ମଧ୍ୟରେ ରାବଣଙ୍କୁ ଜାମାତା ଭାବରେ ବ୍ୟବହାର କରାଯାଏ ଏବଂ ଏଠାରେ ତାଙ୍କ ପାଇଁ ଏକ ମନ୍ଦିର ମଧ୍ୟ ଅଛି। ରାବଣର ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ତାଙ୍କ ଶକ୍ତି ଉପରେ ଗର୍ବିତ। ସେ ରାବଣଙ୍କ ମହିଳାଙ୍କ ପ୍ରତି ଦୁର୍ବଳତା ବିଷୟରେ ଅବଗତ। ଜଣେ ଧାର୍ମିକ ମହିଳା, ମନ୍ଦୋଦରୀ ରାବଣଙ୍କୁ ଧାର୍ମିକତା ଆଡ଼କୁ ନେଇଯିବାକୁ ଚେଷ୍ଟା କରନ୍ତି, କିନ୍ତୁ ରାବଣ ସର୍ବଦା ତାଙ୍କ ପରାମର୍ଶକୁ ଅଣଦେଖା କରନ୍ତି। ସେ ତାଙ୍କୁ ନବଗ୍ରହ, ନଅଟି ସ୍ୱର୍ଗୀୟ ପ୍ରାଣୀଙ୍କୁ ବଶ ନକରିବାକୁ ଏବଂ ସୀତା ଭାବରେ ପୁନର୍ଜନ୍ମ ଗ୍ରହଣ କରି ରାବଣର ବିନାଶ ଘଟାଇବେ ବୋଲି ବେଦବତୀଙ୍କୁ ପ୍ରଲୋଭିତ ନ କରିବାକୁ ପରାମର୍ଶ ଦିଅନ୍ତି।

# ପୌରାଣିକ କଥା



ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ହଳଦିମଳୁରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇ ଆଦେଶ ଦେଇ ସ୍ନାନ କରିବାକୁ ଗଲେ । ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ । ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା । ଏହାଙ୍କର ବାହନ ମୂଷା । ଗଣେଶ ଚତୁର୍ଥୀ, ବିକ୍ରମ ସଂବ୍‌ତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ । ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଗଣେଶ ଆଦିଦେବ ଭାବରେ ପରିଚିତ। ସେ ସବୁଯୁଗରେ ଅବତାର ନେଇଥିବାର କୁହାଯାଏ। ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ। ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଉମାଙ୍କ ଘରେ ଜନ୍ମି,ଗଣେଶ ରୂପରେ ଜନ୍ମିସିନ୍ଧୁ ନାମକ ରାକ୍ଷସକୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ।

## ଲକ୍ଷ୍ମୀ ନୃସିଂହ ମନ୍ଦିର

ଆନ୍ଧ୍ରପ୍ରଦେଶର ଖମ୍ମାମ ଜିଲ୍ଲାରେ ରହିଥିବା ଲକ୍ଷ୍ମୀ ନୃସିଂହ ମନ୍ଦିର ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ଦୃଷ୍ଟିକୋଣରୁ ସର୍ବଦା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ଆସିଛି । ସହରର ଭିଡ଼ ଠାରୁ ଦୂର ଏହି ସ୍ଥାନଟି ଚତୁର୍ଦ୍ଦିଗରୁ ପର୍ବତ ପରିବେଷ୍ଟିତ । ଏହି ମନ୍ଦିର ପ୍ରତ୍ୟେକ ସମୟରେ ଭକ୍ତଙ୍କ ପାଇଁ ଖୋଲା ରହିଥାଏ । ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏହି ପୀଠର ମହତ୍ତ୍ୱକୁ ଅନୁଭବ କରି ବହୁ ସଂଖ୍ୟାରେ ଭକ୍ତ ଏହି ସ୍ଥାନକୁ ଧାଇଁ ଆସିଥାନ୍ତି । ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଅବତାର ନୃସିଂହଙ୍କୁ ପୂଜା କରାଯାଇଥାଏ । ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରର କଥା ମହାନ । ଧର୍ମ ସ୍ଥାପନା ଏବଂ ଭକ୍ତର ରକ୍ଷା ନିମନ୍ତେ ଭଗବାନ ବିଷ୍ଣୁ ଏହି ଅବତାର ଧାରଣ କରିଥିଲେ । ନୃସିଂହ ବା ନରସିଂହ ଅବତାରରେ ଭଗବାନ ବିଷ୍ଣୁଙ୍କ ଶରୀରରେ ମୁଣ୍ଡ ସିଂହ ଭଳି ହୋଇଥିବା ବେଳେ ନିମ୍ନ ଭାଗ ନର ବା ମନୁଷ୍ୟ ଭଳି ହୋଇଥିଲା । ଏହି ସ୍ୱରୂପରେ ସେ ରାକ୍ଷସ ହିରଣ୍ୟକଶ୍ୟପର ବଧ କରିଥିଲେ । ଖମ୍ମାମରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରେ ସ୍ଥାପନା କରାଯାଇଥିବା ନୃସିଂହ ମୂର୍ତ୍ତିର ଶ୍ରୀ ସ୍ୱରୂପ ପଞ୍ଚ ନୃସିଂହ ମୂର୍ତ୍ତି ରୂପରେ ପୂଜା କରାଯାଇଥାଏ । ମନ୍ଦିର ବାହାରେ ଭଗବାନ ବିଷ୍ଣୁଙ୍କ ଆଉ ଏକ ମୂର୍ତ୍ତି ରହିଛି । ଯେଉଁଥିରେ ଭଗବାନ ବିଷ୍ଣୁ ଯୋଗ ମୁଦ୍ରାରେ ଭକ୍ତଗଣଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥାଏ ।



## ଗଜପତି: ୨୪ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ତାପ ମାତ୍ରାକୁ ନଜରରେ ରଖି ୩ ଦିନ ପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତି ଏବଂ ଘରୋଇ ବିଦ୍ୟାଳୟ ଆସନ୍ତା ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଛୁଟି ରଖିବା ନିମନ୍ତେ ଜିଲ୍ଲା ଶିକ୍ଷାକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ବିଦ୍ୟାର୍ଥୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ସୂଚନା ଦେଇଛନ୍ତି । ଶିଶୁ ବାଟିକାରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିବା ବେଳେ ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁ ରହିବ । ପ୍ରକାଶ ଥାଉକି ପୂର୍ବରୁ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ସକାଳୁଆ ସ୍କୁଲ୍ ଖୋଲିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଥିଲା । ସୂଚନାଯୋଗ୍ୟ ଗତ ୩ଦିନ ଧରି ଗଜପତିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି ଫଳରେ ମଧ୍ୟାହ୍ନରେ ୪୦ ଡିଗ୍ରୀ ଛୁଇଁଲାଣି ତାପମାତ୍ରା । ତେଣୁ ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ତରଫରୁ ଆହ୍ୱାନ କରାଯାଇଛି ।

## ଜୟଦେବ ଜୟନ୍ତୀ ମହୋତ୍ସବ,ଭକ୍ତ ମର୍ମାହତ

ଚାରିଛକ,(ନିପ୍ର): ଭକ୍ତ ଜୟଦେବଙ୍କ ଜୟନ୍ତୀ ସଂକ୍ରୀତନ ଯାତ୍ରା ନିରାଡମ୍ବର ସହକାରେ ପାଳନ ହେଉଥିବା ବେଳେ ଭକ୍ତଙ୍କ ମନରେ ଶକ୍ତ ଆଘାତ ଦେଇଛି । ରାଜନୈତିକ ଇଚ୍ଛା ଶକ୍ତି ଅଭାବ,ବୁଦ୍ଧିଜୀବୀ ଅସନ୍ତୁଷ୍ଟ । ଓଡିଆ ଅସ୍ମିତା ପ୍ରତି ଅଣଦେଖା କରୁଛନ୍ତି ରାଜ୍ୟ ସରକାର । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ଜୟଦେବଙ୍କ ବିରଚିତ ଶ୍ରୀ ଗୀତ ଗୋବିନ୍ଦର ପଦପୂରଣ କରି ନିଜର ଶ୍ରେଷ୍ଠ ସେବା ଭାବେ ଏହାକୁ ବାଛିଥିଲେ ।

ପ୍ରତ୍ୟେହ ବଡ ସିଂହାର ବେଶ ସମୟେ ଚତୁର୍ଦ୍ଧାମୂର୍ତ୍ତୀ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ପିନ୍ଧି ଶ୍ରୀ ଶ୍ରୀ ଗୀତଗୋବିନ୍ଦ ଶ୍ରବଣ କରନ୍ତି । ଏ ମହାନ ସ୍ମୃତିକୁ



ସଦା ଜାଗ୍ରତ ରଖିବା ପାଇଁ ରାଜ୍ୟ ସରକାର ୧୯୯୨ ମସିହା ଠାରୁ ରାଜ୍ୟ ସ୍ତରୀୟ ଜୟଦେବ ଜୟନ୍ତୀ ପାଳନ କରିଆସୁଛନ୍ତି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଜୟନ୍ତୀ ପୂର୍ବରୁ ବ୍ୟାପକ ପ୍ରଚାର ପ୍ରସାର କରି ଏକ୍ରାମକ୍ଷେତ୍ର,ପ୍ରାଚୀ କ୍ଷେତ୍ର,ଶ୍ରୀକ୍ଷେତ୍ରକୁ ପରିଚାଳିତ ଉକ୍ତ ଜୟନ୍ତୀ ଉତ୍ସବ ଅକ୍ଷୟ ତୃତୀୟା ସମାବେଶ ପ୍ରାଚୀତଟ ପୀଠସ୍ଥଳୀ ସହ ଭକ୍ତଙ୍କ ଜନ୍ମସ୍ଥାନ ପ୍ରାଚୀତଟରେ ସୁବ୍ୟବସ୍ଥିତ କରନ୍ତି । ପ୍ରଚାରପତ୍ର ବାଣ୍ଟନ୍ତି,ସବୁଠି ଭବ୍ୟ ସମାବେଶ,ପ୍ରଚାର ପୁସ୍ତିକା ବାଣ୍ଟନ୍ତି,ଶ୍ରୀ ଗୀତଗୋବିନ୍ଦ ଗାୟନ ଆଲୋଚନାଚକ୍ର ତିନିଦିନ ଧରିଚାଲେ । ସଂକ୍ରୀତନ ଯାତ୍ରା ମଧ୍ୟ ପ୍ରତ୍ୟେକ ପୀଠସ୍ଥଳୀ ପରିକ୍ରମାକରି ଦେବ ପୂଜନ କରନ୍ତି ।

୨୦୨୪ ମସିହାରୁ ଏ ଭବ୍ୟ ମହୋତ୍ସବରେ ଗ୍ରହଣ ଲାଗିଯାଇଛି । କାର୍ଯ୍ୟକ୍ରମ କିପରି ଲୁଚା ଛପାରେ ହେଉଛି କେହି ଜାଣି ପାରୁନାହାନ୍ତି । ଏହା ଅଗଣିତ ଜଗନ୍ନାଥପ୍ରେମୀ ତଥା ଭକ୍ତ ଜୟଦେବଙ୍କ ବଂଶଦ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମର୍ମ ବେଦନାର କାରଣ ହୋଇଛି । ଆମ ସରକାର କଣ ସତରେ ଶ୍ରୀ ଜଗନ୍ନାଥଙ୍କୁ ତାଙ୍କ ଭକ୍ତ ମହାକବି ଜୟଦେବଙ୍କୁ ଭୁଲିଗଲେ,ତାହାହିଁ ଚିନ୍ତାର କାରଣ ହୋଇଛି । ପ୍ରାଚୀନଦୀ, ମହାନ ପ୍ରାଚୀ ସଂସ୍କୃତି,ପ୍ରାଚୀ ପୀଠସ୍ଥଳୀ ଭକ୍ତ ଜୟଦେବକୁ ଅନ୍ଧକାରରେ ରଖିବା,ଅଣଦେଖା କରିବା ଠିକ୍ ହେବନାହିଁ,ଏହାହିଁ ଶ୍ରୀ ଜଗନ୍ନାଥଙ୍କ ଭକ୍ତମାନଙ୍କ ମନର କଥା ।

## ନିଆଳିରେ ବୈଶାଖୀ ଉତ୍ସବ

ନିଆଳି,(ନିପ୍ର): ସ୍ଥାନୀୟ ନରିଶୋ-ନିଆଳି ସ୍ଥିତ ପ୍ରାଚୀ ବିହାର ଠାରେ କଟକର 'ମହ୍ଲାର' ଅନୁଷ୍ଠାନ ଓ ନିଆଳୀର 'ବୃନ୍ଦାବନ ଆଶ୍ରମ' ପକ୍ଷରୁ ମିଳିତ ଆନୁକୂଲ୍ୟରେ ବୈଶାଖୀ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହ୍ଲାର ଅନୁଷ୍ଠାନର ସଂପାଦକ ଅନିଲ୍ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ପ୍ରାଚୀପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶୋକ ଲେଙ୍କା,ଅବସରପ୍ରାପ୍ତ ବ୍ଲକ ଅଣୁନିରୀକ୍ଷକ ଅଶୋକ କୁମାର ରାୟ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ ମହାନ୍ତି,ଶିକ୍ଷାବିତ୍ ପାବନୀ ବସ୍ତିଆ,ମହ୍ଲାର ଅନୁଷ୍ଠାନର ସହ ସଂପାଦକ ନିରୂପମା ଆଚାର୍ଯ୍ୟ,ବଟ ସ୍ୱାଇଁ,ବିନୟ ଭୋଇ ପ୍ରମୁଖ ଯୋଗଦେଇ ବୈଶାଖୀ ଉତ୍ସବର ମହନୀୟତା ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ବୃନ୍ଦାବନ ଆଶ୍ରମର ସଂପାଦକ ସୁଦାମ ସାମଲ ବୈଶାଖୀ ଉତ୍ସବର ମହତ୍ୱ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ମହ୍ଲାର ଅନୁଷ୍ଠାନର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ଉତ୍ସବରେ କଳାକାର ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ରାୟଗଡ଼ା ଜିଲ୍ଲାସ୍ତରୀୟ ସମିତିର ବୈଠକ

# ଧାନକ୍ରୟ ପ୍ରକ୍ରିୟା ସ୍ୱଚ୍ଛ ଓ ସମୟବଦ୍ଧ କରିବା ଅତ୍ୟାବଶ୍ୟକ

ରାୟଗଡା,(ନିପ୍ର): ରାୟଗଡରେ କେଏମଏସ (ରବି ଧାନ) ୨୦୨୫-୨୬ ଅବଧି ପାଇଁ ଜିଲ୍ଲା ସ୍ତରୀୟ ଧାନ କ୍ରୟ ସମିତିର ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପ ଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଆଭିଷେକ ଦୀଲିପ, କୋରାପୁଟ ସାଂସଦ ପ୍ରତିନିଧି, ରାୟଗଡ ବିଧାୟକ ପ୍ରତିନିଧି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ସମସ୍ତ ବ୍ଲକରେ ସୂଚାରୁ ଧାନ କ୍ରୟ ପ୍ରକ୍ରିୟା ପାଇଁ ସମନ୍ୱୟରେ କାମ କରିବାକୁ ସମ୍ମତି ପ୍ରକାଶ ପାଇଥିଲା । ବୈଠକରେ ରବି ଧାନ ଉତ୍ପାଦନ, ହାର୍ଭେଷ୍ଟ ସମୟସୂଚୀ ଏବଂ ସୂଚାରୁ ଧାନ କ୍ରୟ ପ୍ରକ୍ରିୟା ସମ୍ପର୍କରେ ମୁଖ୍ୟ ଆଲୋଚନା ହୋଇଥିଲା । କୃଷି ବିଭାଗର ତଥ୍ୟ ଅନୁସାରେ ଜିଲ୍ଲାରେ ମୋଟ ୭୧୬୫.୯୧ ଏକର ଜମିରେ ରବି ଧାନ ଚାଷ ହୋଇଥିବାବେଳେ ପ୍ରାୟ ୧,୫୮,୧୭୭.୭୫ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବାକୁ ଅନୁମାନ କରାଯାଇଛି । ପଦ୍ମପୁର ବ୍ଲକରେ ସର୍ବାଧିକ ୫୧୮୯.୧୦ ଏକର ଚାଷ ହୋଇଥିବା ସହ ୧,୧୫,୫୦୧.୫୮ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବାକୁ ଅନୁମାନ ରହିଛି । ଗୁଡାରି, ମୁନିଗୁଡା, ରାମନଗୁଡା ଓ




କାଶିପୁର ଭଳି ବ୍ଲକଗୁଡିକରେ ମଧ୍ୟ ଲକ୍ଷଣୀୟ ଉତ୍ପାଦନ ଆଶା କରାଯାଇଛି ।

ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଚାଷୀମାନଙ୍କୁ ସୁବିଧା ଦେବା ନିମନ୍ତେ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସମୟବଦ୍ଧ କରିବା ଅତ୍ୟାବଶ୍ୟକ । ସେ ମଣ୍ଡିଗୁଡିକର ଅବସ୍ଥା ଉନ୍ନତି ପାଇଁ ତୁରନ୍ତ ମରାମତି କାର୍ଯ୍ୟ ହାତେଇବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ଦ୍ୱାରା ଧାନ ସଂରକ୍ଷଣରେ କୌଣସି ସମସ୍ୟା ନ ହେଉ । ଏହାସହିତ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ଚାଷୀ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଜୋର ଦେଇଥିଲେ । ଏହାସହିତ ବୈଠକରେ ଜଣାଇ ଦିଆଯାଇଥିଲା ଯେ ଚାଷୀମାନଙ୍କର ନିବନ୍ଧନ ପ୍ରକ୍ରିୟା ରାୟଗଡା ସବଡ଼ିଭିଜନ ଆସନ୍ତା ୨୦ ମେ ଠାରୁ ଓ ଗୁଣୁପୁର ସବଡ଼ିଭିସିଜନ ୨୭ ଠାରୁ ଆରମ୍ଭ ହେବ । ଏହା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଗଜପତିରେ କଞ୍ଚା ପଣସର ଉଚିତ ମୂଲ୍ୟ ମିଳୁନି !

### ଉତ୍ପାଦନ ସ୍ଥଳରେ ଅନାଦର, ପଡ଼ୋଶୀରେ ଆଦର

ପାରଳାଖେମୁଣ୍ଡି,(ନିପ୍ର): ଭାରତରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ୧୫ଟି ଜିଲ୍ଲାରେ ପଣସ ଚାଷ ହେଉଥିବା ବେଳେ ଗଜପତିରେ ଏହାର ସିଂହ ଭାଗ ଉତ୍ପାଦନ ହେଉଛି । ଅଞ୍ଚଳର ଜଳବାୟୁ ଓ ମାଟିର ଆର୍ଦ୍ରତା ପଣସ ଉତ୍ପାଦନ କ୍ଷେତ୍ରରେ ଅନୁକୂଳ ହୋଇଥିବାରୁ ଗଜପତି ଜିଲ୍ଲାର ଗୁମ୍ମା, ରାୟଗଡ଼, ନୂଆଗଡ଼, ରା.ଉଦୟଗିରି ବ୍ଲକରେ ଉଭୟ ଜଙ୍ଗଲ ଓ ଘରୋଇ ଜମିରେ ପ୍ରଚୁର ପରିମାଣରେ ପଣସ ଅମଳ ହୁଏ । ହେଲେ, ଉଚିତ ବଜାର ମୂଲ୍ୟ ମିଳୁ ନ ଥିବାରୁ ଏଠାକାର ପଣମ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବିଶେଷକରି ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଓ ମଧ୍ୟପ୍ରଦେଶରୁ ଦଲାଲମାନେ ଆସି ବହୁ କମ୍ ଦରରେ କଞ୍ଚା ପଣସ କିଣି ନେଇ ମାଲାମାଲ ହେଉଛନ୍ତି । ଅଥଚ ଏଠିକାର ଚାଷୀଙ୍କ ଉନ୍ନତି ହୋଇପାରୁନାହିଁ । କିଲୋ ପିଛା ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବାରୁ ବିଶେଷ ଲାଭ ହେଉନି ବୋଲି ଚାଷୀ ଓ ସଂଗ୍ରହକାରୀ କହିଛନ୍ତି । ବର୍ତ୍ତମାନ, ପଣସକୁ ପ୍ରକ୍ରିୟାକରଣ କରି ଭିନ୍ନଭିନ୍ନ ପ୍ରକାର ଖାଦ୍ୟରେ



ବ୍ୟବହାର କରାଯାଉଛି । ଚାହିଦା ବୃଦ୍ଧି ସହ ଦର ମଧ୍ୟ ବୃଦ୍ଧି ପାଉଛି । କିନ୍ତୁ, ଓଡ଼ିଶାରେ କିମ୍ବା ଗଜପତି ଜିଲ୍ଲାରେ ଉତ୍ପାଦିତ ପଣସର ଉପଯୁକ୍ତ ବଜାର ନ ଥିବା ତଥା ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନିଗୁଡ଼ିକର କୌଣସି ଶାଖା ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ, ଏଥିପ୍ରତି ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

ପୋଷକତତ୍ତ୍ୱରେ ଭରା କଞ୍ଚା କଷି ପଣସର ସ୍ୱାଦ ନିଆରା । ଗଜପତି ଜିଲ୍ଲାର ଘରେ ଘରେ କଞ୍ଚା ପଣାସରୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ୭୨ୟୁନିଟ୍ ରକ୍ତ ସଂଗୃହୀତ

ନିମାପଡ଼ା,(ନି.ପ୍ର.): ନିମାପଡ଼ାର ପୂର୍ବତନ ବିଧାୟକ, ପୂର୍ବତନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ରାଜ୍ୟ ବିଜେପି ଦଳର ମୁଖପାତ୍ର ସମୀର ରଂଜନ ଦାଶଙ୍କ ଜନ୍ମ ଦିବସ ଅବସରରେ ଏକ ରକ୍ତଦାନ ଶିବିର ବୁଧବାର ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଆୟୋଜନ କରାଯାଇଥିଲା । ରତ୍ନାକର ଦାଶ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ଗ୍ରା.ପ.ରୁ ଆସିଥିବା ଯୁବ ସ୍ୱେଚ୍ଛାସେବୀମାନେ ଶ୍ରୀ ଦାଶଙ୍କୁ ଅଭିନନ୍ଦନ ଜଣାଇବା ସାଙ୍ଗକୁ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ ।

ନିମାପଡ଼ା ପଂଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ବ୍ରଜେନ୍ଦ୍ର ପ୍ରଧାନ, ନିମାପଡ଼ା ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଜଗତ ପ୍ରସାଦ ସାବ୍ରତ, ଯୁବନେତା ଜୀବନାନନ୍ଦ ମହାପାତ୍ର, ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ପୂର୍ବତନ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସାଙ୍ଗକୁ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ନିମାପଡ଼ା ଡ଼ାକ୍ତରଖାନା ୫୦ ଜଣ ଅନ୍ତେବାସୀଙ୍କୁ ଫଳ ବଂଟନ କରାଯାଇଥିଲା । ଭାଇନାଙ୍କ ଜନ୍ମ ଦିବସ ପାଳନ ଅବସରରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା ଯୁବକମାନେ ସର୍ବମୋଟ ୭୨ ୟୁନିଟ୍ ରକ୍ତଦାନ କରିଥିବା ସୂଚନା ମିଳିଥିଲା । କ୍ୟାପିଟାଲ୍ ହସ୍ପିଟାଲ୍ ବ୍ଲଡ଼ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା ।

## ପୋଷଣ ପକ୍ଷ ଉଦ୍‌ଯାପିତ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଶିଶୁ ଓ ମହିଳା ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ୯ ତାରିଖ ରୁ ୨୨ ତାରିଖ ଯାଏଁ ଚାଲିଥିବା ପୋଷଣ ପକ୍ଷର ସମାପନ ଦିବସ ପାଳିତ ଅବସରରେ ଏକ କାର୍ଯ୍ୟକ୍ରମ ସିଡିପିଓ କୋଟେଶ୍ୱରୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଅଙ୍ଗନବାଡି ମହିଳାମାନେ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କାରି ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସିଡିପିଓ କୋଟେଶ୍ୱରୀ ଦେବୀ ପ୍ରସୂତି ମହିଳାଙ୍କ ଠାରୁ ଶିଶୁ ଜନ୍ମ ଓ ଶିଶୁର ଯତ୍ନ କିପରି ପର୍ଯ୍ୟାୟକ୍ରମେ ନେବାକୁ ହେବ ସେ ବିଷୟରେ ବୁଝେଇଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ହୃଷିକେଶ ଗୌଡ଼,ସାମ୍ବାଦିକ ଆନନ୍ଦ ପାତ୍ର, ପଦ୍ମାବତୀ ନାଗବଂଶ, ଗୋଷ୍ଠୀ ସଂଯୋଜାକ ଲାବନ ରଇତ ପ୍ରମୁଖ ମଂଚାସୀନ ହୋଇ ପୋଷଣ ଆହାର ନିମନ୍ତେ ବକ୍ତବ୍ୟ ରଖିଥିଲେ ।

### ପୁରୀଠାରେ ବାଚସ୍ପତି କମିଟି ସମ୍ମିଳନୀ

# ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଉପରେ ତର୍ଜମା ଜରୁରୀ : ବାଚସ୍ପତି

ପୁରୀ,(ନିପ୍ର): ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ପୁରୀଠାରେ "ବାଚସ୍ପତି କମିଟି ସମ୍ମିଳନୀ" ଅନୁଷ୍ଠିତ ହୋଇଯାଇଛି । ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧକ୍ଷତାରେ ଏବଂ ଓଡ଼ିଶାର ବାଚସ୍ପତି ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଯୋଗ ଦେଇଥିଲେ । ଏହି ଅବସରରେ ଅଧକ୍ଷତା କରି ବାଚସ୍ପତି ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ଏହାର ପ୍ରଭାବ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଅବସରରେ ନିଜର ମତ ଉପସ୍ଥାପନ କରି ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଷାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ । ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇପାରିବ । ଏ



ଦିଗରେ ଯତ୍ନବାନ ହେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ଶ୍ରୀହରି ଜୀ ଆନେ ଏବଂ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବରେ ଲାଗୁ କରାଯାଇ ପାରିବ । ଏହାର ଭବିଷ୍ୟତର ରୂପରେଖ କିଭଳି ଭାବରେ ଜନସାଧାରଣଙ୍କର ଆସ୍ଥା ଓ ଜନପ୍ରତିନିଧିଙ୍କର ଭୂମିକାକୁ ନିଶ୍ଚିତ କରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ବିଧାନସଭାର ସଚିବଙ୍କ ସହ ଲୋକସଭା ସଚିବାଳୟର ନିର୍ଦ୍ଦେଶକ ଅଜୟ ସୁଦ୍, ନିର୍ଦ୍ଦେଶକ(କନଫରେନ୍ସ ଓ ପ୍ରୋଟୋକଲ ଶାଖା) ୟୁମନାମ୍ ଅରୁଣ କୁମାର ଯୋଗ ଦେଇଥିବା ବେଳେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କମିଟିର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକର, ଓଡ଼ିଶାର ବାଚସ୍ପତି ସୁରମା ପାଢୀ, କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର୍ କହିଲେ ଯେ, ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ । ଏହି କମିଟିର ପ୍ରଥମ ବୈଠକ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ସମ୍ମିଳନୀ କର୍ଣ୍ଣାଟକ ଠାରେ ଆୟୋଜିତ ହେବ । ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଏ ସମ୍ପର୍କରେ ବିଧିବଦ୍ଧ ଭାବରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ତେବେ ଦଳ ବଦଳକୁ କିପରି ରୋକା ଯାଇପାରିବ ଏଥି ପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ସବିଶେଷ ଆଲୋଚନା ହେବ ।

### ଜୟଦେବ ସଂକୀର୍ତ୍ତନ ପଦଯାତ୍ରୀ ଦଳ

## ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଫିକାପଡ଼ିଛି କାର୍ଯ୍ୟକ୍ରମ !

କାକଟପୁର,(ନିପ୍ର): ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ସ୍ମୃତିକୁ ମନେପକାଇବା ଉଦ୍ଦେଶ୍ୟରେ ଅକ୍ଷୟତୃତୀୟା ଠାରୁ କେନ୍ଦୁଲିରୁ ବାହାରିଥିବା ସଂକୀର୍ତନ ପଦଯାତ୍ରୀ ଦଳ ମା ମଙ୍ଗଳାଙ୍କ ପୀଠ କାକଟପୁରରେ ପହଞ୍ଚି ମାଙ୍କୁ ଦର୍ଶନ କରି ଦେଉଳିମଠରେ ବିଶ୍ରାମ କରିଛନ୍ତି । ବୁଧବାର ପଦଯାତ୍ରୀ ଦଳ କୋଣାର୍କ ଅଭିମୁଖେ ଯାତ୍ରା କରିବେ ବୋଲି ସେମାନଙ୍କ ଠାରୁ ଜଣାପଡିଛି । କବି ଜୟଦେବ ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ବିବେଚନା କରାଯାଇଥିଲେ ମଧ୍ୟ ଗତ ଦୁଇ ବର୍ଷ ହେବ ଜୟଦେବ ଜୟନ୍ତୀରେ ସରକାରଙ୍କ ବୈମାତୃକ ମନୋଭାବ କାର୍ଯ୍ୟକ୍ରମରେ ବେଶ ବାରିହୋଇପଡୁଛି । କବି ଜୟଦେବଙ୍କ ଜୟନ୍ତୀକୁ ସାରା ଓଡିଶାରେ ପରିଚିତ କରିବା ପାଇଁ ପୂର୍ବ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସରକାରୀ ସ୍ତରରେ ଏହାକୁ ପାଳନ କରାଯାଉଥିଲା । ମାତ୍ର ପରବର୍ତ୍ତୀ ସରକାରଙ୍କ ସମୟରେ ସଂକୀର୍ତନ ଯାତ୍ରୀ ଦଳକୁ କୌଣସି ସରକାରୀ କ୍ଷେତ୍ରରେ ପ୍ରୋତ୍ସାହନ ଅଭାବରୁ ସେମାନଙ୍କୁ ଆଦର ଅଭ୍ୟର୍ଥନା ଦିଆଯାଉନାହିଁ । କେବଳ କେନ୍ଦୁଲିରୁ ଏକ ସଂକୀର୍ତନ ପଦଯାତ୍ରୀ ଦଳ ବାହାରି ପୁରୀ ଯାଇ ଫେରିଯାଉଥିବା ଦେଖିବାକୁ ମିଳୁଛି । ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଓଡ଼ିଆ ଅସ୍ମିତାର ପ୍ରତୀକ ଜୟଦେବ ଜୟନ୍ତୀର ଏଭଳି ଅବ୍ୟବସ୍ଥା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିଛି । ଜୟଦେବ ଜୟନ୍ତୀକୁ ଲୋକାଭିମୁଖୀ କରିବା ପାଇଁ ପୃଷ୍ଠପୋଷାକ ଦାୟିତ୍ୱ ନେଇଥିବା ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଅବ୍ୟବସ୍ଥାକୁ ଦେଖି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଯୋଗୁ ପ୍ରାଚୀ ସଂସ୍କୃତି ଜାଜ୍ୱଲ୍ୟମାନ ହୋଇଥିବା ବେଳେ ଆଜିର ଏହି ସଂକୀର୍ତନ ଦଳକୁ ଉପେକ୍ଷା କରାଯିବା । ଅବହେଳିତ ଭାବେ ଛାଡ଼ିଦେବା ଏହା କଣ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁନାହିଁ କି ବୋଲି ଖୋଭଭରା କଣ୍ଠରେ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରକାଶ କରିଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,(ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଓକେରା ଉଚ୍ଚ ବିଦ୍ୟାଳୟରେ ନାଲସା (ଅଧାରୁ ପାଠ ପଢା ଛାଡ଼ିଥିବା ଏବଂ ପଛୁଆ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ଏବଂ ମାନବ-ବନ୍ୟଜୀବନ ସଂଘର୍ଷର ପୀଡିତଙ୍କ ନ୍ୟାୟ ପାଇବା ପାଇଁ ନାଲସା ଯୋଜନା, ୨୦୨୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି



, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ମଧୁସ୍ମିତା ରାଉତରାୟ ତଥା ୭୦ରୁ ଅଧିକ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଧର୍ମଗଡ଼ରେ ଆଇନ ଜ୍ଞାନର ଗୁରୁତ୍ୱ

ଧର୍ମଗଡ,(ନିପ୍ର): ତାଲୁକ ଆଇନ ସେବା ସମିତି ଧର୍ମଗଡ ପକ୍ଷରୁ ସ୍ଥାନୀୟ ମଡ଼ର୍ଣ୍ଣ କଲେଜରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଇନ ଜ୍ଞାନର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ ।


ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ସରକାରୀ ଓକିଲ ପ୍ରଶାନ୍ତ ତନ୍ତୀ, ବରିଷ୍ଠ ଆଇନଜୀବୀ ଧିରେନ୍ଦ୍ରନାଥ ପାତ୍ର ଓ ମିହିର ରଞ୍ଜନ ପଟ୍ଟଯୋଶୀ, ରିଟେନର




ସଂଯୁକ୍ତା ପଣ୍ଡା ସହ ଆକାଶ କଲେଜର ଅଧିଷ୍ଠାତା ପ୍ରଶାନ୍ତ କୁମାର ଯୋଶୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ବିଷୟରେ ସ୍ପଷ୍ଟ ଧାରଣା ଦିଆଯାଇଥିଲା । ଏଫଆଇଆର, ବେଲ, ସମନ ଓ ୱାରେଣ୍ଟ ଭଳି ଆଇନ ପ୍ରକ୍ରିୟା ସମ୍ପର୍କରେ ସହଜ ଭାବରେ ବ୍ୟାଖ୍ୟା କରାଯାଇଥିଲା । ସେହିପରି ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ବନ୍ୟଜନ୍ତୁ ସଂଘର୍ଷରେ ପୀଡିତ ବ୍ୟକ୍ତିମାନଙ୍କ ପାଇଁ ୨୦୨୫ ମସିହାରେ ଅଭିନୀତ ଯୋଜନା ବିଷୟରେ ମଧ୍ୟ ଆଲୋକପାତ କରାଯାଇଥିଲା ।

## ପ୍ରଧାନଶିକ୍ଷକଙ୍କୁ 'ଶରତ ଚନ୍ଦ୍ର ଶିକ୍ଷକ ସମ୍ମାନ-୨୦୨୬'

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶରତ ଚନ୍ଦ୍ର ପ୍ରଧାନ ସେବା ସଂସ୍ଥାନ ଆନୁକୂଲ୍ୟରେ ଏକ ଭବ୍ୟ ସାରସ୍ୱତ ସମାରୋହ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଶରତ ଚନ୍ଦ୍ର ପ୍ରଧାନଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର



ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାରଣାଙ୍କୁ ସମ୍ମାନଜନକ ନ୍ତଶରତ ଚନ୍ଦ୍ର ଶିକ୍ଷକ ସମ୍ମାନ-୨୦୨୬' ରେ ସମ୍ମାନିତ କରାଯାଇଛି । ସ୍ୱର୍ଗତ ପ୍ରଧାନଙ୍କ ସୁପୁତ୍ର ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସ୍ୱାଗତ ଭାଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ, ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ସଭାରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ନ୍ତନିର୍ମଳ ଶରତ' ନାମକ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା ।

## ଆଠଗଡ଼ ଆଟ୍ଟାଳି ଜଗନ୍ନାଥଙ୍କ ରଥକାଠ ଅନୁକୂଳ

ଆଠଗଡ଼,(ନିପ୍ର): ବୈଶାଖ ଶୁକ୍ଳ ତୃତୀୟା ତିଥି ତଥା ପବିତ୍ର ଅକ୍ଷୟ ତୃତୀୟାର ମୁହୂର୍ତ୍ତରେ ଆଠଗଡ଼ ଆଟ୍ଟାଳି ଜଗନ୍ନାଥଙ୍କ ଅନୁକୂଳ ହୋଇଥିଲା ରଥ କାଠ । ଏହି ଦିନଠାରୁ ୪୨ ଦିନ ପରେ ପ୍ରଭୁ ରଥରେ ବସି ମାଉସୀମା ଘରକୁ ବୁଲିବାକୁ ଯିବା ସହ ଅଗଣିତ ଭକ୍ତମାନଙ୍କୁ ଦର୍ଶନ ଦେବେ ।ଏହି ରଥ ନିର୍ମାଣ ସମୟରେ ବିଭିନ୍ନ ନୀତି ନିୟମ ପାଳନ ପୂର୍ବକ ମହାରଣା ସେବକମାନେ ନିର୍ମାଣ କାର୍ଯ୍ୟ କରିଥାନ୍ତି । ପ୍ରଭୁ ଶ୍ରୀ ଅଟ୍ଟାଳି ଜଗନ୍ନାଥଙ୍କ ମନ୍ଦିରରେ ମଙ୍ଗଳ ଆଳତୀ ପରେ ଭୋଗ ସମର୍ପଣ କରାଯାଇଥିଲା ।ଏହାପରେ ପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଧରି ପୂଜକ ଅମରେଶ ପଣ୍ଡା ରଥଖଳାରେ ଥିବା ନୂତନ ରଥକାଠ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ ।

ତିଥି :(ସପ୍ତମୀ): (ପୁନର୍ବସୁ ମିଥୁନ)
ଅମୃତ ବେଳା: ରାତ୍ରି ଘ ୧।୧୨ ଗତେ ଘ ୩।୩୮ ମଧ୍ୟେ

## ଆଜିର ଅନୁଚିନ୍ତନ

**ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି।।- ଶ୍ରୀମଦ୍ ଭଗବଦ୍ ଗୀତା**

# ପଶ୍ଚିମବଙ୍ଗ ଲଢ଼େଇ

୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଏପ୍ରିଲ ୨୩ ଓ ୨୯ ତାରିଖରେ ୨ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟ ପାଇଁ ରହିଛି ୧୫୨ ଆସନ। କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍ସି) ଏହି ରାଜ୍ୟରେ ୨୦୧୧ରୁ ଶାସନ କରି ଆସୁଥିବାବେଳେ କ୍ଷମତା ରାଜନୀତିରେ ବିଜେପି ଏବେ ଏହାର ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ। ତେଣୁ ଟିଏମ୍ସିକୁ କ୍ଷମତାଚ୍ୟୁତ କରିବା ଲାଗି ବିଜେପିର ଜୋର୍‌ଦାର ପ୍ରୟାସ ଏଥର ଯେଉଁଭଳି ହୋଇଛି ତାହା ପୂର୍ବରୁ କେବେ ହୋଇନାହିଁ। ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଲାଗୁ କରିବ। ଅନୁପ୍ରବେଶକାରୀଙ୍କୁ ରାଜ୍ୟରୁ ହଟାଇବ। ଅପରପକ୍ଷରେ ନିର୍ବାଚନ ପୂର୍ବରୁ ଟିଏମ୍ସି ନେତା ଓ ପ୍ରାର୍ଥୀଙ୍କ ଘର ଉପରେ ବିଜେପି ନିର୍ଦ୍ଦେଶରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଆୟକର ବିଭାଗ ଚଢଉ କରୁଥିବା ଅଭିଯୋଗ ଆଣିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀ ।ଏପରି ଅଭିଯୋଗ ସହ ଅନ୍ୟ ଏକ ପ୍ରକାର ପ୍ରଚାର ଚଳାଇଛନ୍ତି ଯେ ଯଦି ବିଜେପି ରାଜ୍ୟରେ କ୍ଷମତା ଡୋର ଧରେ ରାଜ୍ୟବାସୀ ଆମିଷ ଭକ୍ଷଣରୁ ବଞ୍ଚିତ ହେବେ। ତେବେ ପଶ୍ଚିମବଙ୍ଗବାସୀ ଉଭୟ ଟିଏମ୍ସି ଓ ବିଜେପିକୁ ତଉଲୁଛନ୍ତି। କାହା କଥା ଉପରେ କେତେ ଭରସୁଛନ୍ତି ତାହା ଆଗକୁ ସମୟ ହିଁ କହିବ।

ନିକଟରେ ମମତା ପୂର୍ବ ମେଦିନୀପୁର ଜିଲ୍ଲାର ହଳଦିଆ ଠାରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରିବା ବେଳେ ଦୃଢୋକ୍ତି ପ୍ରକାଶ କରିଛନ୍ତି ରାଜ୍ୟରେ ତୃଣମୂଳ କଂଗ୍ରେସ ନିଶ୍ଚୟ କ୍ଷମତା ସମ୍ଭାଳିବ। ଅପରପକ୍ଷେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମମତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି,ଆପଣଙ୍କ ସମୟ ସରିଛି ଓ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆଗାମୀ ନିର୍ବାଚନରେ ବିଜେପିକୁ କ୍ଷମତାସୀନ କରାନ୍ତୁ । ପଶ୍ଚିମବଙ୍ଗର ସୀମାନ୍ତ ମୁକୁଳା ପଡ଼ିଛି। ବିଜେପି କ୍ଷମତାକୁ ଆସିଲେ ଦେଢମାସ ମଧ୍ୟରେ ସୀମାନ୍ତକୁ ସିଲ୍ କରିବ। ସେହିପରି ତିନି ତଲାକ୍ ଓ ବହୁ ବିବାହ ପ୍ରଥାର ଅନ୍ତ ଘଟାଇବାରେ ସହ ୟୁନିଫର୍ମ ସିଭିଲ କୋଡ୍‌କୁ ଅଣାଯିବ। ସୁତରାଂ ପରିବର୍ତ୍ତନ ଆଣିବା ପାଇଁ ପଶ୍ଚିମବଙ୍ଗବାସୀ ନିର୍ଣ୍ଣାୟକ ପଦକ୍ଷେପ ନିଅନ୍ତୁ। ଟିଏମ୍ସିର ସାଂସଦ ଅଭିଷେକ ବାନାର୍ଜୀ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି 'ଲକ୍ଷ୍ମୀଭଣ୍ଡାର' ଯୋଜନା ମୁତାବକ ସାଧାରଣ ବର୍ଗର ମହିଳା ମାସିକ ୧ ହଜାର ଟଙ୍କା ସହାୟତା ଓ ଅନୁସୂଚିତ ଜାତି, ଜନଜାତିର ମହିଳାଙ୍କୁ ମାସିକ ୧୨ଶହ ଟଙ୍କା ଜାରି ରହିବ। ଏହି ଯୋଜନା ବନ୍ଦ ହେବନାହିଁ। ଟିଏମ୍ସି ସାଂସଦଙ୍କ ଏହି ଆଶ୍ୱସ୍ତି ଜରିଆରେ ରାଜ୍ୟର ମହିଳା ଭୋଟରଙ୍କୁ ଆକର୍ଷିତ କରିବା ପ୍ରକ୍ରିୟା ବଜାୟ ରଖିବାକୁ ଯେ ଉଦ୍ୟମ ହୋଇଛି, ଏହା ନିଃସନ୍ଦେହ। ଏଥର ନିର୍ବାଚନ ଅଭିଯାନରେ ଦିଦିଙ୍କୁ ଆକ୍ଷେପ ନେଇ ବିଜେପିର ସମାଲୋଚନାକୁ କିଛି ବିଶେଷଜ୍ଞ ନକାରାତ୍ମକ ରଣକୌଶଳ ଭାବରେ ବିବେଚନା କରିଛନ୍ତି। 'ଦିଦି ଓ ଦିଦି' ୨୦୨୧ ନିର୍ବାଚନରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ସମ୍ବୋଧନ ଏକ ପ୍ରକାର ସମାଲୋଚନାମୂଳକ ଥିଲା ବୋଲି କୁହାଯାଉଛି। ଚଳିତ ଥର ଶାହଙ୍କ 'ଏୟ ଦିଦି, ଆଖି ଓ କାନ ଖୋଲିକରି ଶୁଣ' ଏପରି ଆକ୍ଷେପରୁ ବିଜେପି କିଛି ଶିଖିନାହିଁ ବୋଲି ଟିଏମସି ପ୍ରତିକ୍ରିୟା ପ୍ରକାଶ କରିଛି। ଏଥର ନିର୍ବାଚନରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ବା ଏସ୍ଆଇଆର୍ ରାଜନୈତିକ ପ୍ରବର୍ତ୍ତନା ଭାବରେ ଟିଏମ୍ସି ଅଭିଯୋଗ ଆଣିଛି ।ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନରେ ଟିଏମ୍ସି ପାଇଥିଲା ୨୧୫ ଆସନ । ସେତେବେଳେ ବିଜେପି ପାଇଥିଲା ୭୭। ରାଜ୍ୟରେ ମ୍ୟାଜିକ ସଂଖ୍ୟା ରହିଛି ୧୪୮ । ସୁତରାଂ କୁହାଯାଇପାରେ ଯେ ପ୍ରତିଦ୍ୱନ୍ଦ୍ୱିତା ଏଥର ଉଭୟ ଦଳ ପାଇଁ ପ୍ରାଣମୂର୍ଚ୍ଛା ରହିବା ନିଶ୍ଚିତ।

# ଉଜୁଡ଼ି ଗଲାଣି ଗୋଚର

## କବୀର କୁମାର ଜେନା

ସାଧାରଣରେ ଗୋଚର ଶବ୍ଦଟିକୁ ଆଜିର ସମୟର ଅନେକ ବୁଝି ପାରିବେନାହିଁ। ଗୋଟିଏ ଧାଡ଼ିରେ କହିବାକୁ ଗଲେ ଗୋଚର ହେଉଛି ସର୍ବସାଧାରଣଙ୍କ ଭୂସମ୍ପତ୍ତି, ଯାହାର ନିର୍ଦ୍ଦିଷ୍ଟ ମାଲିକାନା କାହାଙ୍କ ନାମରେ ନ ଥାଏ ବା ଏହାର କୌଣସି ଏକକ ଦାବିଦାର ନ ଥାନ୍ତି। ଅବଶ୍ୟ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରର ଦୁଇ ପଟରେ ଥିବା ଅନେକ ଅଞ୍ଚଳ ଏବଂ ଏହାର ସନ୍ନିକଟ ଚାଷ କ୍ଷେତ କୁହାଯାଉଥିବା ଉଜୁଡ଼ା ଗୋଚର ଭୂଇଁ ଏବେ ଆଉ ନାହିଁ। କେଉଁଠି ଏହା ଜବର ଦଖଲ ତ, କେଉଁଠି ଏହା ଉପରେ କଂକ୍ରିଟର ଆକାଶଛୁଆଁ ଅଟ୍ଟାଳିକା ଗଢ଼ି ଉଠିଲାଣି। କିନ୍ତୁ ଅନେକଙ୍କ ମନ ଭିତରେ ଗୋଚର ଶବ୍ଦଟି ଯେତିକି କୌତୂହଳପ୍ରଦ ସେତିକି ଆନନ୍ଦମୟ। ଏହି ଲେଖକଙ୍କ ପିଲାଦିନର ଜନ୍ମ ସ୍ଥାନ ଅଞ୍ଚଳରେ ଅନେକ ଗୋଚର ଭୂଇଁ ସବୁ ଥିଲା। ଗାଁର ଅର୍ଥନୈତିକ ବିକାଶ ସ୍ରୋତରେ ଏବେ ଗ୍ରାମାଞ୍ଚଳରେ ଭୂମିର ବ୍ୟବହାରର ଯେଉଁପରି ଦ୍ରୁତ ପରିବର୍ତ୍ତନ ଦେଖାଦେଉଛି ସେ କ୍ଷେତ୍ରରେ ଗୋଚରଭୂ ସବୁ ଶୂନ୍ୟପ୍ରାୟ। ଆଗେ ଯେଉଁଠି ଏକ ବିସ୍ତୀର୍ଣ୍ଣ ଗୋଚର ଭୂଇଁ ଥିଲା କିମ୍ବା ସୁନ୍ଦର ଜଳାଶୟ ଥିଲା ଏବେ ସେଠାରେ କୌଣସି ନିର୍ମାଣ ସ୍ଥଳୀ ପାଇଁ ଉତ୍ସର୍ଗ ହୋଇଯାଉଛି। ଏହି ପ୍ରକ୍ରିୟା ଭିତରେ ଅନେକ ଗ୍ରାମର ସର୍ବ ସାଧାରଣ ଭୂସମ୍ପତ୍ତି ମଧ୍ୟ ଲୋପ ପାଇଗଲାଣି। ପୂର୍ବେ ଯେଉଁଭଳି ଅନେକ ଗାଁ ଗଣ୍ଡାରେ ବିସ୍ତୀର୍ଣ୍ଣ ଗୋଚର ଜମି ସବୁ ଥିଲା ତାହା ଆଉ ଦେଖିବାକୁ ମିଳୁନାହିଁ।

ନିକଟରେ କେନ୍ଦ୍ର ସରକାରଙ୍କ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ଯେଉଁ ତଥ୍ୟଟି ରଖିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବ। ୧୯୮୦ ମସିହା ସମୟରେ ଭାରତରେ ମୋଟ ଭୂସମ୍ପତ୍ତିର ୨୧.୬ ପ୍ରତିଶତ ଅଂଶ ଗୋଚର ବା ସାଧାରଣ ସମ୍ପତ୍ତି ଥିଲା। ୧୯୯୯ ବେଳକୁ ତାହା ୧୫ ପ୍ରତିଶତ ଖସି ଆସିଥିଲା। ତେବେ ୨୦୨୪ରେ ଅର୍ଥାତ୍ ସର୍ବଶେଷ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ତଥ୍ୟ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ଏହା ପାଖାପାଖି ୮ ପ୍ରତିଶତରେ ପହଞ୍ଚିଲାଣି। ଦିନକୁ ଦିନ ଏହି ଅବକ୍ଷୟ ବଢୁଛି ସିନା କିନ୍ତୁ ଗୋଚର ଉପରେ ଅନେକଙ୍କ ଲୋଲୁପଦୃଷ୍ଟି ହିଁ ଏକ ପ୍ରକାର ଗୋଚର ଭୂଇଁକୁ ନିଶ୍ଚିହ୍ନ କରିବାକୁ ବସିଲାଣି। ଅନ୍ୟଏକ ଅଧ୍ୟୟନର ତଥ୍ୟ ଉଲ୍ଲେଖ କରିଛି ଯେ ଗତ ପାଞ୍ଚ ଦଶନ୍ଧିରେ ଭାରତରେ ଗୋଚର ଜମି ପରିମାଣ ଅଧାରୁ ଆହୁରି ତଳକୁ ଖସି ଆସିଛି।

ଗୋଚର ଭୂମି କଥା ଭାବିଲେ ଅନେକଙ୍କର ପିଲା ଦିନର ସ୍ମୃତି ସବୁ ଏ ସବୁରେ ଜଡ଼ିତ ରହିଛି। ଗାଁ ଗଣ୍ଡାର ଏହି ଗୋଚର ସମେତ ସର୍ବସାଧାରଣ ଜମି ସମସ୍ତଙ୍କୁ ଏକ ସୁନ୍ଦର ସବୁଜ ଓ ଖୋଲାମେଲା ପରିବେଶ ଯୋଗାଇବା ସହିତ ଅନେକଙ୍କୁ ଭିନ୍ନ ଭିନ୍ନ ପ୍ରଣାଳୀ ବା ଉପାୟରେ ଜୀବନ ଜୀବିକା ପାଇଁ ବଡ଼ ଅବଲମ୍ବନ ଥିଲା। ଏହି ଗୋଚର ଭୂମିରେ ଗୋରୁ ଚରୁଥିଲେ ପର୍ଯ୍ୟାପ୍ତ ଘାସ ସେମାନଙ୍କ ପାଇଁ ମୁଖ୍ୟ ଖାଦ୍ୟ ଅବଲମ୍ବନ ଥିଲା। ଗୋଚର ଭୂଇଁର ଫୁଲଗଛ ହେଉ ବା ଫଳ ଗଛ, ଆମ୍ବଗଛ ହେଉ ବା ନଡ଼ିଆ ଏସବୁର ଦାବିଦାର କେହି ନିର୍ଦ୍ଦିଷ୍ଟ ଭାବେ ନଥିଲେ। ଏହା ଗାଁର ଉନ୍ନତିକଳ୍ପେ ଖର୍ଚ୍ଚ ହେଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଅସନ୍ତୁଳିତ ବିକାଶ ଯୋଗୁଁ ଏହି ଗୋଚର ଭୂଇଁ ଗୁଡ଼ିକ ଜବରଦଖଲ ଓ ଅପବ୍ୟବହାର ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଯେଉଁଠି କିଛିଟା ଗୋଚର ଭୂମି ରହିଛି ତାହା ଆଉ ପୂର୍ବଭଳି ସମସ୍ତଙ୍କର କାର୍ଯ୍ୟରେ ଲାଗୁନାହିଁ। ଏହି ଗୋଚର ଭୂମିର ଦ୍ରୁତ ଅବକ୍ଷୟର ପ୍ରଭାବ ପରିବେଶ ସୁରକ୍ଷାରେ ବଡ଼ ପ୍ରତିବନ୍ଧକ ସାଜିଛି। ଯାହା ଗ୍ରାମାଞ୍ଚଳ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି।

ଗୋଚର ଭୂମି ରାତାରାତି କୁଆଡ଼େ ଉଭାନ ହେଉଯାଉ ନାହିଁ। ଗୋଚର ଜମି କମି ଯିବାର ପ୍ରମୁଖ କାରଣ ହେଉଛି ଜବରଦଖଲ। ଗାଁରୁ ସହରାଭିମୁଖୀ ହେଉଥିବା ଏକ ଜନବସତିରେ ଏଭଳି ଲକ୍ଷଣ ଅଧିକ ଦେଖିବାକୁ ମିଳୁଛି। ଏହି ସବୁ ଗ୍ରାମାଞ୍ଚଳରେ ସହର ଭଳି ଭିତ୍ତିଭୂମି ଠିଆ ହେଉଥିବାବେଳେ ଗ୍ରାମର ମୂଳ ପରିବେଶ କ୍ରମେ ଅବକ୍ଷୟ ହେବାରେ ଲାଗିଛି। ଗୋଚର ଜମି ଯେଉଁପରି ଭାବେ ପରିବର୍ତ୍ତିତ ହୋଇ ଘରବାଡ଼ି ଯୋଗ୍ୟ ବାହାନାରେ କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଛି ଏହି ପ୍ରକ୍ରିୟାରେ ଜମି ଦଲାଲମାନେ ଭଲ ଭାବେ ହାତ ଚିକ୍କଣ କରୁଛନ୍ତି ଏବଂ ଏହାଦ୍ୱାରା ଗୋଚର ଜମିର ଅସ୍ତିତ୍ୱ ସମ୍ପୂର୍ଣ୍ଣ ହଜିବାକୁ ବସିଛି।

ଯାଜପୁର, ମୋ : ୮୯୧୭୩୭୭୯୮୭

# ମାଓମୁକ୍ତ ଓଡ଼ିଶା

## ବଟକୃଷ୍ଣ ତ୍ରିପାଠୀ

> **ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଦେଶ ନକ୍ସଲମୁକ୍ତ ବା ହେବାକୁ ଯାଉଛି। ପ୍ରାୟ ରାଜ୍ୟରେ ମାଓବାଦୀମାନେ (ନକ୍ସଲ) ପୋଲିସ ସହିତ ସଂଘର୍ଷ କରି ମୃତ୍ୟୁମୁଖରେ ପଡ଼ିଥିବା ବେଳେ ବହୁ ମାଓବାଦୀ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଯେଉଁମାନେ ସରକାରଙ୍କ ଡାକରାରେ ଆତ୍ମସମର୍ପଣ କରୁଛନ୍ତି। ସେମାନଙ୍କୁ ଥଇଥାନ କରିବା ପାଇଁ ସରକାର ମଧ୍ୟ ଉପଯୁକ୍ତ ଆର୍ଥିକ ସାହାଯ୍ୟ ଦେଉଛନ୍ତି। ଆମ ରାଜ୍ୟ ଓଡ଼ିଶା ମଧ୍ୟ ଆତଙ୍କ ଥିଲା ଶହ ଶହ ମାଓବାଦୀମାନେ ଓଡ଼ିଶାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲେ। ଏହି କେତେ ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା କମି ଏବେ ନଅରେ ପହଞ୍ଚିଛି। ସେମାନଙ୍କୁ ସରକାର ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଛନ୍ତି, ଆଶା କରାଯାଉଛି ପୋଲିସ ସଂଗେ ସଂଘର୍ଷ ନ କରି ଆତ୍ମସମର୍ପଣ କରିବେ। ସମଗ୍ର ଦେଶର ବହୁ ରାଜ୍ୟରେ ଆଉ ନକ୍ସଲ କି ମାଓବାଦୀ ନାହାନ୍ତି।**

ମା ଓଡ଼ିଶା ଏବେ ସଂପୂର୍ଣ୍ଣ ମାଓମୁକ୍ତ ରାଜ୍ୟରେ ପରିଣତ ହୋଇଛି। ବିଗତ ତିନି ଦଶନ୍ଧିରୁ ଚାରିଦଶନ୍ଧି ଧରି, ଦେଶର ବହୁ ରାଜ୍ୟ ତଥା ଓଡ଼ିଶାରେ ମାଓବାଦୀଙ୍କ ହିଂସାକାଣ୍ଡ ଆତଙ୍କ ସ୍ପଷ୍ଟ କରିଥିଲା। ମାଓ ହିଂସାକାଣ୍ଡରେ ଦେଶର ବହୁ ନିରୀହ ଲୋକ ଶିକାର ହୋଇଥିଲେ। କେବଳ ସାଧାରଣ ଲୋକ ମୃତାହତ ହୋଇନଥିଲେ, ମାଓହିଂସା ଲାଗି କୋଟି କୋଟି ଟଙ୍କାର ଧନସଂପତ୍ତି ନଷ୍ଟ ହୋଇଛି ଏବଂ ବହୁ ପରିବାର ଛାରଖାର ହୋଇଯାଇଛନ୍ତି। 'ମାଓବାଦ' ଯେତେବେଳେ ଆରମ୍ଭ ହେଲା, ସେତେବେଳେ ଏହା ଏକ ସଂସ୍କାରମୂଳକ ଚିନ୍ତାଧାରାରେ ଆରମ୍ଭ ହୋଇଥିଲା। ଦୁର୍ନୀତି, ଅନୀତି, ନିରୀହ, ସାଧାରଣ ଜନତାଙ୍କୁ ନ୍ୟାୟ ନ ମିଳିବା ନ୍ୟାୟ ମିଳିବାରେ ସମୟ ଅତିବାହିତ କରିବା ଇତ୍ୟାଦି ବିରୋଧରେ ଯେଉଁ ଯୁବପିଢ଼ି, ଏହା ବିରୋଧରେ ସ୍ୱର ଉତ୍ତୋଳନ କଲେ, ତାଙ୍କୁ ଗୋଟିଏ ଗୋଷ୍ଠୀ ବା ଦଳ କୁହାଗଲା। ଆରମ୍ଭରୁ ଏମାନେ ନିଷ୍ଠାର ସହ, ସମାଜରେ ଦଳିତ ଅବହେଳିତ ଲୋକମାନଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟ କଲେ ଏବଂ ପ୍ରାଶାସନିକ ଅବହେଳା ପାଇଁ ପ୍ରଶାସନ ବିରୋଧରେ ଯେଉଁ ପ୍ରକାର ସ୍ୱର ଉତ୍ତୋଳନ କଲେ, ସେତେବେଳେ ଜନସାଧାରଣ ମୁଖ୍ୟତଃ ଅବହେଳିତ, ନିର୍ଯାତିତ ସାଧାରଣ ଜନତା ଏହି ଚିନ୍ତାଧାରା ବା 'ଇଜିମ୍' କୁ ସମର୍ଥନ କଲେ।

ମୁଖ୍ୟତଃ ଏହି ଚିନ୍ତାଧାରା ପଶ୍ଚିମବଙ୍ଗରେ ବିଶେଷ ଭାବେ ଯୁବକମାନଙ୍କୁ ଆକୃଷ୍ଟ କଲା ଏବଂ ଏହା ଆସ୍ତେ ଆସ୍ତେ 'ନକ୍ସଲବାଦ' ନାମରେ ଏକ ନୂତନ 'ବାଦ୍' ବା ଇଜିମ୍ ଭାବେ ପ୍ରଚାର ପ୍ରସାର ହେଲା। ଗରିବ ଏବଂ ଅବହେଳିତ ଲୋକମାନଙ୍କ ସମର୍ଥନରେ ନକ୍ସଲବାଦ ଆସ୍ତେ ଆସ୍ତେ, ପଶ୍ଚିମବଙ୍ଗରୁ ଦେଶର ଅନ୍ୟ ରାଜ୍ୟମାନଙ୍କୁ ପ୍ରଭାବିତ କଲା। ଅବହେଳିତ ଲୋକମାନଙ୍କ ଛଡ଼ା ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ 'ନକ୍ସଲବାଦ' କୁ ସମର୍ଥନ କରୁନଥିଲେ ମଧ୍ୟ ଏହାର, ପ୍ରଚାରପ୍ରସାରକୁ ରୋକି ନ ଥିଲେ କି ବିରୋଧ କରୁନଥିଲେ। ଯେଉଁମାନେ ସମାଜରେ ସଂସ୍କାର ଆଣିବା ନାମରେ ନକ୍ସଲବାଦ ବା ସେମାନଙ୍କ କାର୍ଯ୍ୟକ୍ରମକୁ ସମର୍ଥନ କଲେ, ଯୋଗଦେଇଥିଲେ ସେମାନେ ଆସ୍ତେ ଆସ୍ତେ ସଂସ୍କାର ଆଣିବା ନାମରେ ସମାଜରେ ହିଂସାକାଣ୍ଡର ଆଶ୍ରୟ ନେଲେ। ଅନ୍ୟାୟ କାର୍ଯ୍ୟ କରୁଥିବା କିମ୍ବା ଗରିବ, ଦଳିତ ଲୋକଙ୍କୁ ଠକୁଥିଲେ କିମ୍ବା ସେମାନଙ୍କୁ ନିର୍ଯାତନା ଦେଉଥିଲେ, ନୂତନ ଭାବେ ମୁଣ୍ଡ ଟେକିଥିବା ନକ୍ସଲ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ ମୁଣ୍ଡ ଟେକିଥିବା, ନକ୍ସଲ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରି, ସେମାନଙ୍କୁ ଭୟଭୀତ କଲେ ଏବଂ ଅର୍ଥ ମଧ୍ୟ ଆଦାୟ କଲେ।

ପ୍ରଥମେ ଏହା ସାଧାରଣ ଜନତା ଜାଣି ପାରିନଥିଲେ। ଜାଣି ପାରିଥିଲେ ମଧ୍ୟ ସେହି ଅର୍ଥ ସେମାନେ ଅନ୍ୟାୟ ଭାବେ ସଂଗ୍ରହ କରୁଥିବା ଲୋକମାନଙ୍କ ଠାରୁ ନିଆଯାଉଥିବା ଦୃଷ୍ଟିରୁ। ଏହି ପ୍ରକାର ହିଂସାକାଣ୍ଡ ମାଧ୍ୟମରେ ଜବରଦସ୍ତ ଆଦାୟକୁ ନଜର ଦେଇନଥିଲେ, ଜାଣି ମଧ୍ୟ ଓଭରଲୁକ୍ କରୁଥିଲେ। ସାଧାରଣ



ଲୋକଙ୍କ ସହ ସମାଜର ଉଚ୍ଚବର୍ଗ ଏବଂ ଜଣାଶୁଣା ଲୋକମାନେ ଯେତେବେଳେ ନକ୍ସଲ ଦଳର କାର୍ଯ୍ୟକଳାପକୁ ଅଦେଖା କଲେ, ସେତେବେଳେ ନକ୍ସଲ ଦଳର ସମର୍ଥକମାନେ ଅଧିକ ଆଗ୍ରେସିଭ୍ ହୋଇ ସମାଜରେ ହିଂସାକାଣ୍ଡ, ଲୁଟ୍, ଜବରଦସ୍ତ ଆଦାୟକୁ ଦଳର କାର୍ଯ୍ୟକ୍ରମରେ ସାମିଲ କରିଚାଲିଲେ।

ସେତେବେଳକୁ ନକ୍ସଲ ଗୋଷ୍ଠୀ ନିଜକୁ ପ୍ରତିଷ୍ଠା କରିସାରିଥିଲା। ଏହାର କାର୍ଯ୍ୟକ୍ରମକୁ ଚାଲେଞ୍ଜ କରିବାକୁ ଯେଉଁମାନେ ସ୍ୱର ଉତ୍ତୋଳନ କଲେ ସେମାନଙ୍କୁ ନକ୍ସଲ ହିଂସା ମାଧ୍ୟମରେ କରାୟତ କରିନେଲେ। ଆସ୍ତେ ଆସ୍ତେ ହିଂସାକାଣ୍ଡ ନକ୍ସଲମାନଙ୍କର ମୁଖ୍ୟ ଅସ୍ତ୍ର ହୋଇଗଲା।

ଏପରି ନକ୍ସଲ ଶବ୍ଦ, ସମାଜରେ ଆତଙ୍କ ସୃଷ୍ଟି କଲା। ଯେଉଁଠି ଲୋକମାନେ ଦେଖିଲେ ଜୋର ଜବରଦସ୍ତ କିମ୍ବା ହିଂସା ମାଧ୍ୟମରେ କାର୍ଯ୍ୟ ହେଉଛି। ସେଠାରେ ନକ୍ସଲ ସମର୍ଥକ ନ ଥିଲେ ମଧ୍ୟ ସେପରି କାର୍ଯ୍ୟକୁ ନକ୍ସଲଙ୍କ କାର୍ଯ୍ୟ ବୋଲି କୁହାଗଲା। ନକ୍ସଲବାଦ ଆରମ୍ଭ ହେବାର ପ୍ରାୟ ୧୦ବର୍ଷ କି ୧୫ବର୍ଷ ପରେ ସରକାର ଚିନ୍ତା କଲେ, 'ନକ୍ସଲ' ଏକ ଉଗ୍ରବାଦୀ ସଂସ୍ଥା ଯାହା ହିଂସାରେ ବିଶ୍ୱାସ କରେ।

ଏହାକୁ ଦମନ କରିବା ଏକାନ୍ତ ଦରକାର। କାରଣ ନକ୍ସଲ ଦଳ, ହତ୍ୟା, ଡକାୟତି ଠାରୁ ଆରମ୍ଭ କରି ସବୁପ୍ରକାର ହିଂସାକାଣ୍ଡରେ ସଂପୃକ୍ତ ରହିଲେ ଏବଂ ସମାଜରେ ଆତଙ୍କ ସୃଷ୍ଟି କଲେ। ମାତ୍ର ସରକାର ଯେତେବେଳେକୁ 'ନକ୍ସଲଜିମ୍'କୁ ଉଗ୍ରବାଦୀ ସଂସ୍ଥା ଭାବେ ଦମନ କରିବାକୁ ବାହାରିଲେ, ସେତେବେଳେକୁ 'ନକ୍ସଲଜିମ୍' ଦେଶରୁ ପ୍ରାୟ ରାଜ୍ୟରେ ବିସ୍ତାରିତ ହୋଇଯାଇଥିଲା। ଫଳ ହେଲା, ବର୍ଷ ବର୍ଷ ଧରି ନକ୍ସଲ ଏବଂ ସରକାରୀ ପୋଲିସ ମଧ୍ୟରେ ଗୁଳି ଚାଳନା ବଢିଲା। ଶେଷରେ ସରକାର 'ନକ୍ସଲବାଦ'ର ମୂଳୋତ୍ପାଟନ କରିବାକୁ ନିଷ୍ପତ୍ତି ନେଇ ଦୀର୍ଘ ଏକ ଦଶନ୍ଧି ଧରି ଏ ଦିଗରେ କାର୍ଯ୍ୟ କରି ଆସୁଥିଲେ। ବିଗତ ଦଶବର୍ଷ ମଧ୍ୟରେ ନକ୍ସଲ ଏବଂ ପୋଲିସ ମୁକାବିଲାରେ ବହୁ ପୋଲିସ କର୍ମଚାରୀ ମୃତ୍ୟୁମୁଖରେ ପଡ଼ିଛନ୍ତି ଏବଂ ବହୁ କର୍ମଚାରୀ ଆହତ ହୋଇଛନ୍ତି। ନକ୍ସଲ ସଂସ୍ଥା ଦୀର୍ଘଦିନ ଧରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦିନ ଠାରୁ ବାହାର ଦେଶରୁ ଅସ୍ତ୍ରଶସ୍ତ୍ର ଆଣି ଦେଶ ଭିତରେ ବ୍ୟବହାର କରୁଥିଲେ।

ଯାହାହେଉ ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଦେଶ ନକ୍ସଲମୁକ୍ତ ବା ହେବାକୁ ଯାଉଛି। ପ୍ରାୟ ରାଜ୍ୟରେ ମାଓବାଦୀମାନେ (ନକ୍ସଲ) ପୋଲିସ ସହିତ ସଂଘର୍ଷ କରି ମୃତ୍ୟୁମୁଖରେ ପଡ଼ିଥିବା ବେଳେ ବହୁ ମାଓବାଦୀ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଯେଉଁମାନେ ସରକାରଙ୍କ ଡାକରାରେ ଆତ୍ମସମର୍ପଣ କରୁଛନ୍ତି, ସେମାନଙ୍କୁ ଥଇଥାନ କରିବା ପାଇଁ ସରକାର ମଧ୍ୟ ଉପଯୁକ୍ତ ଆର୍ଥିକ ସାହାଯ୍ୟ ଦେଉଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଆତଙ୍କ ଥିଲା । ଶହ ଶହ ମାଓବାଦୀମାନେ ଓଡ଼ିଶାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲେ। ଏହି କେତେ ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା ନଅରେ ପହଞ୍ଚିଛି। ସେମାନଙ୍କୁ ସରକାର ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଛନ୍ତି, ଆଶା କରାଯାଉଛି ପୋଲିସ ସଂଗେ ସଂଘର୍ଷ ନ କରି ଆତ୍ମସମର୍ପଣ କରିବେ। ସମଗ୍ର ଦେଶର ବହୁ ରାଜ୍ୟରେ ଆଉ ନକ୍ସଲ-ମାଓବାଦୀ ନାହାନ୍ତି। ଯେଉଁଠି ଅଛନ୍ତି, ସେମାନେ ଆତ୍ମସମର୍ପଣ କରିଛନ୍ତି। ଦେଶ ଏବଂ ଆମ ରାଜ୍ୟ ମାଓମୁକ୍ତ ଦିଗରେ ଅଗ୍ରସର ଏବଂ ଅବଶିଷ୍ଟ ୯ ଜଣଙ୍କୁ ଆୟତ୍ତ କରିବାକୁ ଅଧିକ ସମୟ ଲାଗିବନାହିଁ। ଓଡ଼ିଶା ଏବେ ମାଓମୁକ୍ତ କହିଲେ ଅତ୍ୟୁକ୍ତି ହେବନାହିଁ।

ଭୁବନେଶ୍ୱର

# ଜନଗଣନା ଦେଶ ଭବିଷ୍ୟତର ନୀଳନକ୍ସା

## ଗୋପାଳ ମହାପାତ୍ର

> **ଅଭିଯାନକୁ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର ୧୧୭୧୮ କୋଟି ୨୪ଲକ୍ଷ ଟଙ୍କା ବ୍ୟୟ କରିବେ। ସାରା ଦେଶରେ ପାଖାପାଖି ୩୦ଲକ୍ଷ କର୍ମଚାରୀ ଏବଂ ଅଧିକାରୀ ଏହି କାର୍ଯ୍ୟ କରିବେ। ଜନଗଣନାର ଦ୍ୱିତୀୟ ବୃହତ୍ ଅଂଶ ୨୦୨୭ ଫେବୃୟାରୀରୁ ଆରମ୍ଭ ହେବ। ଏହି ସମୟରେ ଲୋକଙ୍କ ଗଣତି ହେବ ଏପରିକି ଜାତି ଆଧାରିତ ଗଣନା କରାଯିବ। ୨୦୨୭ ମାର୍ଚ୍ଚ ୧ ତାରିଖ ରାତ୍ରୀ ୧୨ଟାକୁ ଏହି ଗଣିତର ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯିବ। ଏକଥା ନିଶ୍ଚିତ ଯେ ଜନଗଣନା କେବଳ ଜନସଂଖ୍ୟାର ଗଣତି ନୁହେଁ ବରଂ ଦେଶର ଭବିଷ୍ୟତର ବ୍ଲୁପ୍ରିଣ୍ଟ ବା ନୀଳନକ୍ସା ଅଟେ। ଏଥିରୁ ସରକାରଙ୍କୁ ଜଣାପଡିଥାଏ ଯେ କେଉଁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ବୁନିଆଦି ସୁବିଧାର ଅଭାବ ରହିଛି। ଏସବୁ ତଥ୍ୟର ତର୍ଜମା କରି ସରକାର ବଜେଟରେ ସେ ସବୁ ଅଞ୍ଚଳର ବିକାଶର ବ୍ୟବସ୍ଥା କରିପାରିବେ। ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟ ସହ ଜଡ଼ିତ ନୀତି ବାସ୍ତବିକ ଡାଟାର ଆଧାରରେ ପ୍ରଣୟନ କରାଯାଇଥାଏ।**

ଦେଶରେ ୧୮୭୨ ମସିହାରେ ପ୍ରଥମ ବ୍ୟାପକ ଜନଗଣନା କରାଯାଇଥିଲା। ତାପର ଠାରୁ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିଲା। କିନ୍ତୁ ଦେଶ ଓ ପରିସ୍ଥିତି ବଦଳିଲା ଓ ଜନଗଣନା କରିବାର ପ୍ରକ୍ରିୟା ଏବଂ ବ୍ୟବସ୍ଥା ମଧ୍ୟ ବଦଳିବାରେ ଲାଗିଲା। ଜନଗଣନା କରାଯିବାର ଉଦ୍ଦେଶ୍ୟ ହେଉଛି ସରକାରଙ୍କୁ ଜଣାପଡିବ ଯେ ଦେଶର ଲୋକସଂଖ୍ୟା କେତେ, ସେମାନେ କେଉଁଠି ରହୁଛନ୍ତି, କ'ଣ କାମ କରୁଛନ୍ତି ଏବଂ କେଉଁ ଭାଷାର ବ୍ୟବହାର କରୁଛନ୍ତି। ଜନଗଣନାରେ କେବଳ ଲୋକଙ୍କ ସଂଖ୍ୟା ଜାଣିହୁଏ ତାହା ନୁହେଁ ଦେଶର ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସ୍ଥିତି ବାବଦରେ ସ୍ପଷ୍ଟ ସୂଚନା ମିଳିଥାଏ। ଏସବୁ ସୂଚନା ବା ତଥ୍ୟକୁ ତର୍ଜମା କରି ସରକାର ନୀତି ନିୟମ ପ୍ରଣୟନ କରିଥାନ୍ତି, ସଂସାଧନର ବିତରଣ ଏବଂ ଯୋଜନାର ଦିଶା ସ୍ଥିର କରିପାରିଥାନ୍ତି। ଋଗ୍‌ବେଦରେ ଭାରତରେ ୮୦୦-୬୦୦ ଖ୍ରୀଷ୍ଟପୂର୍ବରେ ଏକପ୍ରକାରର ଜନସଂଖ୍ୟାର ଗଣନା କରାଯିବା ସମ୍ପର୍କରେ ଉଲ୍ଲେଖ ରହିଛି। ଏତଦ୍ ବ୍ୟତୀତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମୋଗଲ କାଳରେ ଆଇନ୍-ଏ-ଅକବରୀରେ ମଧ୍ୟ ଗଣନା କରାଯିବା



ସମ୍ପର୍କରେ ଉଲ୍ଲେଖ ଅଛି। ଆଧୁନିକ କାଳରେ ଜନଗଣନାର ଇତିହାସ ୧୮୦୦ରୁ ଆରମ୍ଭ ହୋଇଥିଲା ଯେତେବେଳେ ଇଂଲଣ୍ଡ ବା ବ୍ରିଟିଶ ସରକାର ସେମାନଙ୍କ ଦେଶରେ ଜନଗଣନା କରାଇଥିଲେ। ବ୍ରିଟିଶ ଶାସନ କାଳରେ ଜେମସ ପ୍ରିନସେପଙ୍କ ଦ୍ୱାରା ୧୮୨୪ରେ ଇଲାହାବାଦ (ବର୍ତ୍ତମାନର ପ୍ରୟାଗରାଜ) ଏବଂ ୧୮୨୭-୨୮ରେ ବନାରସରେ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ଢାକା ସହର (ବର୍ତ୍ତମାନର ବାଂଲାଦେଶ)ର ଜନଗଣନା ହେନେରୀ ବାଲଟରଙ୍କ ଦ୍ୱାରା କରାଯାଇଥିଲା। ସମଗ୍ର ଭାରତ (ଅବିଭକ୍ତ ଭାରତ)ର ପ୍ରଥମ ଜନଗଣନା ୧୮୭୨ରେ ବ୍ରିଟିଶ ସରକାର ଅମଳରେ କରାଯାଇଥିଲା। ଯଦିଓ ଏକ ସମୟରେ ଏହି ଜନଗଣନା କରାଯାଇନଥିଲା।

ପର୍ଯ୍ୟାୟକ୍ରମେ ଅଲଗା ଅଲଗା ଅଞ୍ଚଳରେ କରାଯାଇଥିଲା। ୧୮୮୧ରେ ଭାରତରେ ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଏବଂ ବ୍ୟବସ୍ଥିତ ଭାବେ ଜନଗଣନା କରାଯାଇଥିଲା ଯାହାକୁ ପ୍ରଥମ ଆଧୁନିକ ଜନଗଣନା ବୋଲି କୁହାଯାଏ। ସେବେଠାରୁ ପ୍ରତି ୧୦ବର୍ଷରେ ଜନଗଣନା କରାଯାଇ ଆସୁଛି।

ଭାରତ ସ୍ୱାଧୀନ ହେବାପରେ ୧୯୫୧ରେ ସ୍ୱାଧୀନ ଭାରତର ପ୍ରଥମ ଜନଗଣନା ହୋଇଥିଲା। ସେତେବେଳେ ଦେଶର ଜନସଂଖ୍ୟା ୩୬କୋଟି ଥିଲା। ୨୦୧୧ର ଜନଗଣନା ବେଳକୁ ଦେଶର ଜନସଂଖ୍ୟା ୧୨୧ କୋଟି ହୋଇସାରିଥିଲା। ଭାରତରେ ପ୍ରତ୍ୟେକ ୧୦ ବର୍ଷରେ ଥରେ ହେଉଥିବା ଜନଗଣନା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧୀନସ୍ଥ ଜନଗଣନା କମିଶନ କାର୍ଯ୍ୟାଳୟ ଦ୍ୱାରା କରାଯାଇଥାଏ। ସମ୍ବିଧାନର ଜନଗଣନା ଅଧିନିୟମ ୧୯୪୮ର ପ୍ରାବଧାନ ଅନୁସାରେ ଏହି ଜନଗଣନା କରାଯାଇଥାଏ। ଭାରତର ସମ୍ବିଧାନର ଅନୁଚ୍ଛେଦ ୨୪୬ ଅନୁସାରେ ଜନଗଣନା କେନ୍ଦ୍ର (ସଂଘ)ର ବିଷୟ ଅଟେ। ଏହା ସମ୍ବିଧାନର ସପ୍ତମ ଅନୁସୂଚୀର କ୍ରମାଙ୍କ ୬୯ରେ ସୂଚୀବଦ୍ଧ ହୋଇଛି। ଜନଗଣନା ଅଧିନିୟମ ୧୯୪୮ରେ ଗୋପନୀୟତାର ଗ୍ୟାରେଣ୍ଟି ମଧ୍ୟ ଦିଆଯାଇଛି। ଜନଗଣନା ସମୟରେ ଏକତ୍ର କରାଯାଇଥିବା ତଥ୍ୟ ଏତେ ଗୋପନୀୟ ଯେ ଏସବୁ ତଥ୍ୟ ନ୍ୟାୟାଳୟକୁ ମିଳିବା ମଧ୍ୟ ସହଜ ନୁହେଁ। ଗୋପନୀୟତାର ଉଲ୍ଲଂଘନ ପାଇଁ ଦଣ୍ଡର ପ୍ରାବଧାନ ରହିଛି। ୨୦୧୧ର ଜନଗଣନା ବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀମାନେ ଲୋକଙ୍କୁ ୨୯ଟି ପ୍ରଶ୍ନ ପଚାରୁଥିଲେ। ୨୦୨୧ ହେବାକୁ ଥିବା ଜନଗଣନାକୁ କରୋନା ମହାମାରୀ କାରଣରୁ ସ୍ଥଗିତ କରାଯାଇଥିଲା। ୨୦୨୬ରେ ଏବେ ଯେଉଁ ଜନଗଣନା କରାଯାଉଛି ଏହା ପ୍ରଥମ ଡିଜିଟାଲ ଜନଗଣନା। ଏଥିରେ ସ୍ୱ-ଗଣନାର ମଧ୍ୟ ବ୍ୟବସ୍ଥା ରହିଛି। ପୂର୍ବରୁ ପୁରୁଷ ଓ ମହିଳାଙ୍କ ବାବଦରେ ତଥ୍ୟ ସଂଗ୍ରହ କରାଯାଉଥିଲା କିନ୍ତୁ ଏଥର ଟ୍ରାନ୍ସଜେଣ୍ଡର (କ୍ଲୀବଲିଙ୍ଗ) ମଧ୍ୟ ସାମିଲ ହେବେ।

ଜନଗଣନାର ପ୍ରଥମ ପର୍ଯ୍ୟାୟରେ ୩୩ଟି ପ୍ରଶ୍ନ ପଚରାଯିବ ଯଥା- ଗୃହର ସ୍ଥିତି, ପରିବାରର ସୁଖ-ସୁବିଧା, ପାନୀୟଜଳ, ଶୌଚାଳୟ, ବିଦ୍ୟୁତ୍, ଇନ୍ଧନ ଏବଂ ମୁଖ୍ୟତଃ ଖାଦ୍ୟ ଭାବରେ ବ୍ୟବହାର କରାଯାଉଥବା ଶସ୍ୟ ଇତ୍ୟାଦି। ଏଥରର ଜନଗଣନା ଅନେକ ଦୃଷ୍ଟିରୁ ଐତିହାସିକ ବୋଲି କୁହାଯାଉଛି କାରଣ ଡିଜିଟାଲ ମାଧମରେ ହେଉଥିବା ଏହି ଜନଗଣନା ତ୍ୱରିତ୍ ଏବଂ ପାରଦର୍ଶୀ ହେବ। ଏପରିକି ସଂଖ୍ୟାର ଗୁଣବତ୍ତା ମଧ୍ୟ ରହିବ। ପାରମ୍ପରିକ କାଗଜ ଆଧାରିତ ପ୍ରଣାଳୀ ପରିବର୍ତ୍ତେ ଏବେ ମୋବାଇଲଆପ୍, ୱେବ ପୋର୍ଟାଲ ଏବଂ ରିୟଲ ଟାଇମ୍ ଡାଟା ମନିଟରିଂର ଉପଯୋଗ କରାଯିବ। ଫଳରେ ଜନଗଣନା କର୍ମଚାରୀଙ୍କ ଦ୍ୱାରା ଏକତ୍ର ତଥ୍ୟ ସିଧାସଳଖ ସର୍ଭରରେ ପହଞ୍ଚିବ ଫଳରେ ଡ଼ାଟା ପ୍ରୋସେସିଂ ପାଇଁ ଲାଗୁଥିବା ସମୟ କମ୍ ହେବ। ଏହି ଡିଜିଟାଲ ଜନଗଣନାର ଏକ ବିଶେଷତା ହେଉଛି ଏହା ଦୁଇଟି ପର୍ଯ୍ୟାୟରେ ଆୟୋଜିତ କରାଯିବ। ଏହା ଦ୍ୱାରା ଡ଼ାଟା (ତଥ୍ୟ) ଅଧିକ ବ୍ୟବସ୍ଥିତ ଏବଂ ବିଶ୍ଳେଷଣ ଯୋଗ୍ୟ ହୋଇପାରିବ। ଏଥର ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧା ହେଉଛି ଆପଣ (ବ୍ୟକ୍ତି) ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ନିଜ ପରିବାରର ତଥ୍ୟ ସବୁକୁ ଦାଖଲ କରିପାରିବେ। ୧୬ଟି ଭାଷାରେ ଏହି ପୋର୍ଟାଲ ଉପଲବ୍ଧ। ଜନଗଣନା ସମ୍ପର୍କିତ ସୂଚନାର ସୁରକ୍ଷା ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଡ଼ାଟା ବା ସୂଚନା ସଂପୂର୍ଣ୍ଣ ଗୋପନୀୟ ରହିବ ଏବଂ ଏହା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ଜନଗଣନାର ତଥ୍ୟକୁ କୌଣସି ସରକାରୀ ଯୋଜନା ବା ଅଦାଲତରେ ସାକ୍ଷ୍ୟ ଭାବେ ବ୍ୟବହାର କରାଯାଇପାରିବ ନାହିଁ। ଜନଗଣନାର ଅଧିକାରିକ ସଂଖ୍ୟା ୨୦୨୭ ମାର୍ଚ୍ଚ ୧ ତାରିଖ ମଧ୍ୟରାତ୍ରୀର ଆଧାରରେ ସ୍ଥିର ବୋଲି ଗ୍ରହଣ କରାଯିବ।

ଏହି ଅଭିଯାନକୁ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର ୧୧୭୧୮ କୋଟି ୨୪ଲକ୍ଷ ଟଙ୍କା ବ୍ୟୟ କରିବେ। ସାରା ଦେଶରେ ପାଖାପାଖି ୩୦ଲକ୍ଷ କର୍ମଚାରୀ ଏବଂ ଅଧିକାରୀ ଏହି କାର୍ଯ୍ୟ କରିବେ। ଜନଗଣନାର ଦ୍ୱିତୀୟ ବୃହତ୍ ଅଂଶ ୨୦୨୭ ଫେବୃୟାରୀରୁ ଆରମ୍ଭ ହେବ। ଏହି ସମୟରେ ଲୋକଙ୍କ ଗଣତି ହେବ ଏପରିକି ଜାତି ଆଧାରିତ ଗଣନା କରାଯିବ। ୨୦୨୭ ମାର୍ଚ୍ଚ ୧ ତାରିଖ ରାତ୍ରୀ ୧୨ଟାକୁ ଏହି ଗଣିତର ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯିବ। ଏକଥା ନିଶ୍ଚିତ ଯେ ଜନଗଣନା କେବଳ ଜନସଂଖ୍ୟାର ଗଣତି ନୁହେଁ ବରଂ ଦେଶର ଭବିଷ୍ୟତର ବ୍ଲୁପ୍ରିଣ୍ଟ ବା ନୀଳନକ୍ସା ଅଟେ। ଏଥିରୁ ସରକାରଙ୍କୁ ଜଣାପଡିଥାଏ ଯେ କେଉଁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ବୁନିଆଦି ସୁବିଧାର ଅଭାବ ରହିଛି। ଏସବୁ ତଥ୍ୟର ତର୍ଜମା କରି ସରକାର ବଜେଟରେ ସେ ସବୁ ଅଞ୍ଚଳର ବିକାଶର ବ୍ୟବସ୍ଥା କରିପାରିବେ। ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟ ସହ ଜଡ଼ିତ ନୀତି ବାସ୍ତବିକ୍ ଡାଟାର ଆଧାରରେ ପ୍ରଣୟନ କରାଯାଇଥାଏ। ପଛୁଆ ଏବଂ ବଞ୍ଚିତ ବର୍ଗଙ୍କ ବାବଦରେ ସଠିକ୍ ତଥ୍ୟ ଜାଣିବା ପରେ ସରକାର ସେମାନଙ୍କ ଉତ୍ଥାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଚଳାଇଥାନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪

CMYK



## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର: ଏମ୍ସରେ ଭର୍ତ୍ତି

ନିରାକାରପୁର,୨୨।୪ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ୍ ରୋଡରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ବ୍ୟକ୍ତିଜଣକ ହେଉଛନ୍ତି ଜଙ୍କିଆ ଥାନା ସରପାରୀ କଂସାରୀ ସାହିର ଡମ୍ବୁରଧର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ।ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ପେସାରେ ଜଣେ ଚୁଡ଼ି ଓ କାଚ ବ୍ୟବସାୟୀ। ସେ ନିଜ ଗ୍ରାମରୁ ଏକ ବାଇକ୍ ଯୋଗେ ହଜ ରାସ୍ତା ଦେଇ ରଣପୁର ଅଞ୍ଚଳକୁ ଯାଉଥିଲେ। ତେବେ ଟାଙ୍ଗୋଳ-ହଜ ରାସ୍ତା ମଝିରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଏକ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି।ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ବ୍ଲକସ୍ତରୀୟ କର୍ମଶାଳା

ରାୟଗଡା,୨୨।୪ (ନିପ୍ର): ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଦଭାବନା ଗୃହରେ ଆୟୋଜିତ ଏହି କର୍ମଶାଳାକୁ ବିଡିଓ ସୁଜିତ କୁମାର ମିଶ୍ର ଉଦଘାଟନ କରିଥିଲେ । ରାଜ୍ୟ ସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ଶ୍ରୀମତୀସଙ୍ଗୀତା ମଙ୍ଗରାଜ, ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ବ୍ୟକ୍ତିତ୍ୱ ନୀଳାଞ୍ଚଳ ମିଶ୍ର ଓ ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଏହି ତାଲିମ ପ୍ରଦାନ କରିଥିଲେ । ଏଥିରେ ମହିଳା ଓ ଶିଶୁ ବିକାଶ, ନିର୍ବାଚିତ ପ୍ରତିନିଧି, ଏମବିକେ, ସିଆରପି, ଆଶାକର୍ମୀ ଆଦି କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୁସ୍ଥ ଶରୀର ବିକାଶର ଚାବିକାଠି । ଜନସାଧାରଣ ସମାଜରେ ନିଜ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ସୁସ୍ଥ ରହିବା ଜରୁରୀ । ସୁସ୍ଥ ଶରୀର କାର୍ଯ୍ୟ ଦକ୍ଷତା ବଢ଼ାଏ । ସ୍ୱାସ୍ଥ୍ୟ ଦୁର୍ବଳ ହେଲେ କାର୍ଯ୍ୟ ଦକ୍ଷତା କମିବା ସହ କାର୍ଯ୍ୟଶୈଳୀ ଓ ସମୟାନୁବର୍ତ୍ତିତା ପ୍ରଭାବିତ ହୋଇଥାଏ । ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟର ମଧ୍ୟ ପ୍ରଭାବ ନିଜ କର୍ତ୍ତବ୍ୟ, ପରିବାର, ପରିବେଶ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିଥାଏ । ଗ୍ରାମ ପଞ୍ଚାୟତ ସ୍ତରରେ ସୁସ୍ଥ ସମାଜ ଗଠନ ନିମନ୍ତେ ସଚେତନର ଆବଶ୍ୟକତା ରହଛି । ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରତି ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ କହିଛନ୍ତି ।

## 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ ୧୭ ଯୋଡ଼ି ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ

ପାରଳାଖେମୁଣ୍ଡି,୨୨।୪ (ନିପ୍ର): ଗଜପତି ଜିଲ୍ଲା ପ୍ରଶାସନ ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୭ ଯୋଡ଼ା କନ୍ୟାଙ୍କ ଶୁଭବିବାହ ସମ୍ପନ୍ନ ହୋଇଛି । ନିଜ ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନ୍ନନାଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୋହନା ଦାଶରଥି ଗମାଙ୍ଗ ଯୋଗଦେଇ ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ କରିଥିଲେ ଏବଂ ୪୫୦୦୦/- ଟଙ୍କା ସହାୟତା ରାଶି ଚେକ୍ ମାଧମରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ କାମଦେବ ବଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜକୁ ବାର୍ତ୍ତା ଦେଉଛି ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ। ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ-୬୦୦୦୦/- ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫୦୦୦/- ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫୦୦୦/- ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଥାଏ। ଯୋଗ୍ୟତା ଅନୁଯାୟୀ କନ୍ୟାର ବୟସ ୧୮-୩୫ ବର୍ଷ ଏବଂ ବରର ବୟସ ୨୧-୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବା ପୁନଃ ବିବାହ, ଅନୁସୂଚିତ ଜାତି , ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରାଥମିକତା ଦିଆଯାଇଥାଏ।

## ଗଜପତିରେ ସିଏମ୍ ଟ୍ରଫି ଖୋଖୋର ଉଦ୍ଘାଟନ ଭାଗ ନେଲେ ୧୪ଗୋଟି ଦଳ

ପାରଳାଖେମୁଣ୍ଡି,୨୨।୪ (ନିପ୍ର): ଗଜପତି ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗ ପକ୍ଷରୁ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ ଓ ଅନ୍ତଃ ଜିଲ୍ଲା ଖୋ ଖୋ ଚାମ୍ପିୟନସିପ -୨୦୨୬ ସ୍ଥାନୀୟ ଭେଙ୍କଟେଶ୍ୱର ଉଚ ବିଦ୍ୟାଳୟ, ଗାରବନ୍ଧା ଠାରେ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ବିଡ଼ିଓ ଗୌର ଚନ୍ଦ୍ର ପଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର ଏବଂ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଏହି ଟ୍ରଫିକୁ ଉଦ୍‌ଘାଟନ କରିଥିବା ବେଳେ ସେଠାରେ ଉପସ୍ଥିତ ଥିବା ସମସ୍ତ ପିଇଟି ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ, ଭଲୁଣ୍ଟରର୍ସ ପୋଲିସ କର୍ମଚାରୀ ମାନେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସହିତ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକରୁ ସମୁଦାୟ ୧୦ ଗୋଟି ବାଳକ ବର୍ଗ ଏବଂ ୬ ଗୋଟି ବାଳିକା ବର୍ଗ ଟିମ୍ ଭାଗ ନେଇଥିଲେ। ନାକ ଆଉଟ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ମ୍ୟାଚ ରେ ଶେଷରେ ଗୋଶାଣି ଥଣ୍ଡର୍ସ ଚାମ୍ପିୟନ ହୋଇଥିବା ବେଳେ ରାୟଗଡା ୱ୍ରିୟାର୍ସ ରୋନର୍ସ ଅପ ହେଇଥିଲେ. ସେହିଭଳି ବାଳିକା ବର୍ଗରେ ରାୟଗଡା ଦିବସ ଚାମ୍ପିୟନ ହୋଇଥିବା ବେଳେ ଗୋଶାଣି ଚ୍ୟାଲେଞ୍ଜର୍ସ ରୋନେର୍ସ ଅପ ହେଇଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହେଇଥିଲେ।

## ଓଏଭି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ଫତେଗଡ଼ ବିଦ୍ୟାଳୟ ପରିଦର୍ଶନ

ଭାପୁର,୨୨।୪ (ନିପ୍ର); ଓଡିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ ଦୁଇ ଦିନ ଧରି ନୟାଗଡ଼ ଜିଲ୍ଲା ର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ରେ ରହିଥିବାବେଳେ ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଫେରିଛନ୍ତି। ସେ ବିଦ୍ୟାଳୟର ନୂତନ ହଷ୍ଟେଲ ପରିଦର୍ଶନ କରି ଖୁସିବ୍ୟକ୍ତ କରିବା ସହିତ ଛୁଟି ପରେପରେ ଛାତ୍ରଛାତ୍ରୀ ମାନେ ରହିବା ପାଇଁ ଅନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ।ବିଦ୍ୟାଳୟ ରେ ଶିକ୍ଷକ ସୋପାନ ରେଜିଷ୍ଟର ସହିତ ପଠନ ଅଭିଯାନ ଓ ରିମିଡ଼ିଆଲ ସହାୟତା ସକ୍ରିୟ ଭାବରେ କାର୍ଯ୍ୟକାରୀ ହେଉଥିବା ନେଇ ସନ୍ତୋଷବ୍ୟକ୍ତ କରିଥିଲେ।

## ଅଶୋକ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଲୁମିନ୍ ଭେଟ୍

ବ୍ରହ୍ମପୁର,୨୨।୪ (ନିପ୍ର) ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଜାମୁନି ଗ୍ରାମ ସ୍ଥିତ ସରକାରୀ ଅଶୋକ ଉଚ୍ଚ ବିଦ୍ୟାଳୟରେ ପୁରାତନ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଆଲୁମିନ ମିଟ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇନ୍ଦ୍ରଜିତ ନାୟକ ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ପୂର୍ବତନ ଶିକ୍ଷକ କାଳୀ ଚରଣ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମୁଲ୍ୟ ସମ୍ପର୍କକୁ ନେଇ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ, ପି.ନାରାୟଣ, ମହେଶ୍ୱର ବେହେରା,ଶିକ୍ଷୟିତ୍ରୀ ଗାୟତ୍ରୀ ମହାପାତ୍ର,ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା, ସୁଜାତା ମହାପାତ୍ର, ସ୍ଥାନୀୟ ସମାଜସେବୀ ନୀଳାଞ୍ଚଳ ପାଣିଗ୍ରାହୀ, ବିଦ୍ୟାଳୟର ସଭାପତି କାମରାଜୁ ସେଠି ପ୍ରମୁଖ ଯୋଗଦାନ କରିଥିଲେ।

ଏହି ଅବସରରେ ପୁରାତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇ ଛାତ୍ରଛାତ୍ରୀ ସେମାନଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ। ଦୀର୍ଘ ୧୭ ବର୍ଷ ପରେ ବିଦ୍ୟାଳୟର ୨୦୦୮-୦୯ ବ୍ୟାଚର ଦଶମ ଶ୍ରେଣୀର ସହପାଠୀ ଗୋଟିଏ ମଞ୍ଚରେ ଏକତ୍ରି ହୋଇଥିଲେ। ଦୀର୍ଘ ବର୍ଷ ପରେ ସହପାଠୀଙ୍କ ସହ ହସ ଖୁସି,ଅନୁଭବ ବିନିମୟ ଓ ପୁରୁଣା ଦିନର କଥାବାର୍ତ୍ତାରେ ସମସ୍ତେ ପୁରୁଣା ସ୍ମୃତିକୁ ପୁନର୍ଜୀବିତ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ପରସ୍ପର ମଧ୍ୟରେ ଦୀର୍ଘ ବର୍ଷର ଅନୁଭୂତିକୁ ବାଣ୍ଟିଥିଲେ ।

## ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର, ଅଂଶୁଘାତ ଜନିତ ମୃତ୍ୟୁ ସନ୍ଦେହ

ରେଢ଼ାଖୋଲ ,୨୨।୪ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଲ ଥାନା ଅଧୀନ ନୂତନ ଇଲେକ୍ଟ୍ରି ଗ୍ରୀଡ଼ର ପାର୍ଶ୍ୱ ଜଙ୍ଗଲ ଭିତରେ ଏକ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର କରିଛି ଚାରମାଲ ପୋଲିସ । ସୂଚନା ମିଳୁଛି କି ମୃତ ବ୍ୟକ୍ତି କିଛି ଦିନ ହେବ ଚାରମାଲ ଅଞ୍ଚଳରେ ମାନସିକ ସ୍ତର ହରାଇ ଘୂରି ବୁଲୁଥିଲେ । ଯେଉଁଠି ଯାହା ପାଉଥିଲେ ଖାଇ ଏଣେତେଣେ ବୁଲୁଥିଲେ । ହେଲେ ତାଙ୍କର ଏମିତି ଅବସ୍ଥା ଦେଖି ଯାହା ଜଣାଯାଉଛି । ଏହି ଗ୍ରୀଷ୍ମ ପ୍ରବାହ ପ୍ରଚଣ୍ଡ ତାପମାତ୍ରାରେ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ସନ୍ଦେହ ସୃଷ୍ଟି ହେଉଛି । ବୁଧବାର ଦିନ ସକାଳେ ମାନସିକ ହରାଇ ଥିବା ବ୍ୟକ୍ତି ର ମୃତ ଦେହକୁ ଚାରମାଲ ପୋଲିସ ଉଦ୍ଧାର କରି ପୋଷ୍ଟମଟମ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଯାଇଛି । ଏନେଇ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରି ନାହିଁ ।

# ୪୩ ଡିଗ୍ରୀ ରୌଦ୍ର ତାପରେ ସିଝୁଛି ରାଉରକେଲା

ରାଉରକେଲା ୨୨/୪ (ନିପ୍ର): ବୁଧବାର ରାଉରକେଲା ଅପରାହ୍ନ ୩ଟା ସୁଦ୍ଧା ସହରର ତାପମାତ୍ରା ୪୩ ଡିଗ୍ରୀ ରହିଥିବା ବେଳେ, ପ୍ରଚଣ୍ଡ ରୌଦ୍ରତାପ ଏବଂ ଗରମ ଯୋଗୁଁ ରାଉରକେଲାର ରାସ୍ତାଘାଟରେ ନୀରବତା ଦେଖାଯାଇଛି। ଏଥିସହିତ ଲସି, ଆଖୁ ରସ, ପଇଡ ପାଣି, କଞ୍ଚା ଆମ୍ବ ପାଣି ବିକ୍ରି ଜୋର ଧରିଛି। ରାଉରକେଲା ସହର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଦିନକୁ ଦିନ ଗ୍ରୀଷ୍ମ ଲହରୀ ବୃଦ୍ଧି ପାଉଛି। ବୁଧବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ସହରର ତାପମାତ୍ରା ପ୍ରାୟ ୪୧ ଡିଗ୍ରୀରେ ପହଞ୍ଚିଥିଲା ବେଳେ ଅପରାହ୍ନ ୩ଟାରେ ତାପମାତ୍ରା ବୃଦ୍ଧି ପାଇ ୪୩ ଡିଗ୍ରୀରେ ପହଞ୍ଚିଛି। ଗରମ ଏବଂ ଆଦ୍ରତା ଲୋକଙ୍କ ଜୀବନକୁ ପ୍ରଭାବିତ କରିଛି । ମଧ୍ୟାହ୍ନରେ ସହରର ରାସ୍ତାଗୁଡ଼ିକ ଶୂନଶାନ୍ ହୋଇଯାଇଥିଲା। ପନିପରିବା ବିକ୍ରେତାମାନେ ରାସ୍ତାପାର୍ଶ୍ୱରେ ଛତା ତଳେ ପନିପରିବା ବିକ୍ରି କରୁଥିବା ଦେଖାଯାଇଥିଲା। ଗରମ ଏବଂ ଆର୍ଦ୍ରତାରୁ ନିଜକୁ ରକ୍ଷା କରିବା ପାଇଁ ଲୋକମାନେ ଲସି, ଦହି, ଘୋଳ ଦହି, ଆଖୁ ରସ, କଞ୍ଚା ଆମ୍ବ ପାଣି, ସାତୁ ପାଣି ଏବଂ ଥଣ୍ଡା ପାନୀୟ ପିଉଥିବା ସହରରେ ଦେଖା ଯାଇଥିଲା। ଏଥିସହିତ ଗରମରୁ ନିଜକୁ ରକ୍ଷା କରିବା ପାଇଁ ଲୋକମାନେ ରାସ୍ତାରେ ଛତା, ଗ୍ଲାସ୍ ଏବଂ ଟୋପି ପିନ୍ଧି ବ୍ୟବସାୟ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ, ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନେ ଗରମରୁ ନିଜକୁ ରକ୍ଷା କରିବା ପାଇଁ ଛତା, ଟୋପି ଏବଂ ରୁମାଲ ଧରି ଯାଉଥିବା ଦେଖାଯାଇଥିଲା। ଅସହ୍ୟ ଗରମ ଯୋଗୁଁ ଫଳର ମୂଲ୍ୟ ବୃଦ୍ଧି ପାଇଛି। ରାଉରକେଲା ସହର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଦିନକୁ ଦିନ ଗରମ ଲହରୀ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସକାଳରୁ ମଧ୍ୟାହ୍ନ ୧୨ଟା ସୁଦ୍ଧା ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ କାମ ଶେଷ କରି ଘରେ ରହିବାକୁ ନିବେଦନ କରାଯାଇଛି। ଆବଶ୍ୟକ ହେଲେ ଟୋପି, ଚଷମା, ଛତା ଏବଂ ରୁମାଲ ପିନ୍ଧିବାକୁ କୁହାଯାଇଛି। ଘରୁ ବାହାରକୁ ଗଲେ ପାନୀୟ ଜଳ ପାଇଁ ଓଆରଏସ୍ ଦ୍ରବଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ଗରମରୁ ରକ୍ଷା କରିବା ପାଇଁ ଓଆରଏସ୍ ଦ୍ରବଣ ଦିଆଯାଉଛି। ଅପରପକ୍ଷରେ ରିଂଗ୍ ରୋଡ ଏବଂ ଅନ୍ୟାନ୍ୟ ଛକ ଗୁଡିକରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଖୋଲା ଯାଇଥିବା ଜଳ ଛତ୍ର ପଏଣ୍ଟରେ ଅବ୍ୟବସ୍ଥା ଦେଖାଦେଇଛି।



# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ କେନ୍ଦ୍ରାପଡ଼ାରେ ୩୩ କନ୍ୟାଙ୍କ ସାମୂହିକ ବିବାହ

 କେନ୍ଦ୍ରାପଡା,୨୨।୪ (ନିପ୍ର): ସାମାଜିକ ସୁରକ୍ଷା, ନାରୀ ସଶକ୍ତିକରଣ ଓ ଲିଙ୍ଗଗତ ସମାନତାକୁ ଆଗେଇ ନେବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଆୟୋଜିତ ହୋଇଛି। କେନ୍ଦ୍ରାପଡ଼ା ସହର ସ୍ଥିତ ସାନ୍ତସାହି ଶ୍ରୀ ବଳଦେବଜୀଉ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଅବସରରେ ମୋଟ ୩୩ ଜଣ କନ୍ୟାଙ୍କ ସାମୂହିକ ବିବାହ ଶୃଙ୍ଖଳା, ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସଫଳତାର ସହିତ ସମ୍ପନ୍ନ ହୋଇଛି। ଉଲ୍ଲେଖନୀୟ ଯେ, ଏହି ୩୩ ଜଣ କନ୍ୟାଙ୍କ ମଧ୍ୟରୁ ୨ ଜଣ ଇସଲାମ ଧର୍ମାବଲମ୍ବୀ ଥିବାରୁ ସମାଜର ସମାନତା, ସାମ୍ପ୍ରଦାୟିକ ସମ୍ମିଳନୀ ଓ ସାମାଜିକ ସଂହତିର ଏକ ସୁନ୍ଦର ଉଦାହରଣ ପ୍ରତିଷ୍ଠିତ ହୋଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ନିଜେ ଦୁଇ ଜଣ କନ୍ୟା ପିତାଙ୍କ ଭୂମିକା ଗ୍ରହଣ କରି କନ୍ୟାଦାନ କରିଥିବାରୁ ସମାଜ ପାଇଁ ଏକ ଉତ୍କୃଷ୍ଟ ଓ ପ୍ରେରଣାଦାୟକ ଦୃଷ୍ଟାନ୍ତ ସୃଷ୍ଟି ହୋଇଛି। ଏହି ଯୋଜନାର ମୂଳ ମନ୍ତ୍ର "ସମ୍ମାନ ସହ ବିବାହ, ସୁରକ୍ଷିତ ଭବିଷ୍ୟତ"କୁ ସାର୍ଥକ କରିବା ସହିତ ଏହା ଅର୍ଥନୈତିକ ଭାବେ ଦୁର୍ବଳ ପରିବାରମାନଙ୍କୁ ସହାୟତା ଯୋଗାଇ ନାରୀଙ୍କ ସମ୍ମାନ, ସୁରକ୍ଷା ଓ ସମାନ ଅଧିକାରକୁ ସୁନିଶ୍ଚିତ କରୁଛି। ରାଜ୍ୟସ୍ତରରେ ଆଜି କେନ୍ଦ୍ରାପଡ଼ା ସହିତ ମୋଟ ୨୭ଟି ଜିଲ୍ଲାରେ ୧,୦୦୦ ରୁ ଅଧିକ କନ୍ୟାଙ୍କ ସାମୂହିକ ବିବାହ ସଫଳତାର ସହ ଆୟୋଜିତ ହୋଇଥିବା ସୂଚନା ମିଳିଛି।

କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧକ୍ଷା ସରିତା ସାହୁ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ବରଂ ସାମାଜିକ ସୁରକ୍ଷା ଓ ନାରୀ ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ରୋକିବା ସହିତ ସମାଜକୁ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ— ଝିଅମାନେ ପରିବାର ପାଇଁ ବୋଝ ନୁହନ୍ତି,ସେମାନେ ଆମ ପରିବାର ପାଇଁ ଆଶୀର୍ବାଦ। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫,୦୦୦ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାକୁ ଜମା ହେଉଥିବା ବେଳେ ୧୫,୦୦୦ ବିବାହ ସମ୍ପାଦନ ଖର୍ଚ୍ଚ ପାଇଁ ବ୍ୟୟ କରାଯାଉଛି। ଯୋଗ୍ୟତା ଅନୁଯାୟୀ କନ୍ୟାଙ୍କ ବୟସ ୧୮–୩୫ ବର୍ଷ ଓ ବରଙ୍କ ବୟସ ୨୧–୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବା ପୁନଃବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରାଥମିକତା ଦିଆଯାଉଛି।



## କୁନ୍ତରା କଲେଜରେ ରକ୍ତଦାନ ଶିବିର

କୁଚିଣ୍ଡା,୨୨।୪ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁନ୍ତରା ଗୋକୁଳପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟର ଜାତୀୟସେବା ଯୋଜନା ଓ ୟୁଥ୍ ରେଡକ୍ରସ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧକ୍ଷ ଡ଼.ରଞ୍ଜନ କୁମାର ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ଜାତୀୟ ସେବା ଯୋଜନା ଦାୟିତ୍ୱରେ ଥିବା ଅଧାପକ ତରୁଣ କୁମାର ପୃଷେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁର୍ଲା ଭିମସାର ମେଡ଼ିକାଲର ଡା. ଦେବେନ୍ଦ୍ର ମିଶ୍ର, ଟେକ୍ନିସିଆନ ଦେବାଶିଶ ମିଶ୍ର,ମଣ୍ଟୁ ପ୍ରଧାନ, କରୁଣାକର ସାହୁ ଏବଂ ପାଇନୁ ଭୋଇ ମୋଟ ୧୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଛାତ୍ରଛାତ୍ରୀ ତଥା ଅଧାପକ ଅଧାପିକା ମାନେ ରକ୍ତଦାନ କରିଥିଲେ।

## ମଇ ମାସ ୯ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,୨୨।୪ (ନିପ୍ର): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକଙ୍କ ସମେତ ତାଲୁକ ସ୍ତରରେ ବାସୁଦେବପୁର, ଚାନ୍ଦବାଲି ଓ ଧାମନଗର ଅଦାଲତ ପରିସରରେ ମଇ ମାସ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଅଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି ସୂଚନା ଦେଇଛନ୍ତି। ଜନସାଧାରଣଙ୍କୁ ନିଃଶୁଳ୍କ ଆଇନ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧମରେ ଦୀର୍ଘଦିନ ଧରି ଚାଲୁ ରହିଥିବା ମାମଲାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଭିନ୍ନକ୍ଷମ ନାବାଳିକା ବଳାତ୍କାର ଘଟଣାର ଅଭିଯୁକ୍ତ ଗିରଫ

କୁଚିଣ୍ଡା,୨୨।୪ (ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକା ବଳାତ୍କାର ଘଟଣାର ପର୍ଦ୍ଦାଫାସ ହୋଇଛି। ଗୋବିନ୍ଦପୁର ପୋଲିସ ବଳାତ୍କାର ଅଭିଯୋଗର ପୀଡ଼ିତାଙ୍କ ବଡ଼ ବାପାଙ୍କୁ ଗିରଫ କରି ମଙ୍ଗଳବାର ସମ୍ବଲପୁର ପକ୍ସୋ କୋର୍ଟକୁ ଚାଲାଣ କରିଛି। ଗୋବିନ୍ଦପୁର ଥାନା ରଙ୍ଗିଆଟିକିରା ଗ୍ରାମର ଶତ୍ରୁଘ୍ନ ହାଁସଦା (୫୩)ଙ୍କୁ ଗୋବିନ୍ଦପୁର ଥାନା ପୋଲିସ ମଙ୍ଗଳବାର ସକାଳେ ତାଙ୍କ ଘରୁ ଗିରଫ କରିଥିଲା। ସୂଚନା ଅନୁଯାୟୀ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ମୂକବଧିର ନାବାଳିକା ବଳାତ୍କାରର ଶିକାର ହେବାପରେ ଗର୍ଭବତୀ ହୋଇଥିଲେ। ପୀଡିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଗୋବିନ୍ଦପୁର ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡିବା ପରେ ତାଙ୍କ ମା' ଗୋବିନ୍ଦପୁର ଥାନାରେ ଫେବୃଆରୀ ମାସରେ ରିପୋର୍ଟ କରିଥିଲେ। ସେତେବେଳେ ପୋଲିସ ଗୋବିନ୍ଦପୁର ଥାନାରେ (କେଶ ନଂ.୧୭/୨୬) ପକ୍ସୋ ଧାରାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ପୀଡିତା ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ଏବଂ ସେ ଜଣେ ମୂକ ହୋଇଥିବାରୁ ପୀଡିତାଙ୍କ ବଡ଼ ବାପାଙ୍କ ସମେତ ଅଞ୍ଚଳର ମୋଟ ୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ପଠାଯାଇଥିଲା। ଇତି ମଧ୍ୟରେ ଡିଏନଏ ଟେଷ୍ଟ ରିପୋର୍ଟ ଆସିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଛି। ଅଭିଯୁକ୍ତ ଘଟଣାରେ ନିଜେ ଜଡ଼ିତ ଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ଗୋବିନ୍ଦପୁର ଆଇଆଇସି କହିଛନ୍ତି।

# ହଜିବାକୁ ବସିଛି 'ବିଲେଇ'

ଭାପୁର,୨୨।୪ (ନିପ୍ର); ବର୍ତ୍ତମାନ ଗାଁ ଗହଳିରେ ଜନସାଧାରଣ ପାଇପ ଲାଇନ, ନଳକୂପ କିମ୍ବା କୂଅରେ ମଟର ଲଗେଇ ପାଣି ବ୍ୟବହାର କରିବା ଦ୍ୱାରା କୂଅର ବ୍ୟବହାର ଶତକଡା ୯୦ ଭାଗ କମି ଯାଇଛି। ଗଭୀର କୂଅର ଶୀତଳ ପାଣି ମନ୍ଦେ ପିଇ ଦେଲେ ବହୁତ ଶାନ୍ତି ଲାଗିଥାଏ। ସେଥିପାଇଁ ଭାପୁର ବ୍ଲକର ପତ୍ରେ୍ୟକ ଗାଁ ଦାଣ୍ଡରେ ଅତିକମରରେ ଗୋଟିଏ ଲେଖାଏଁ ଗଭୀର କୂଅ ଦେଖିବାକୁ ମିଳିଥାଏ। କିନ୍ତୁ, ବର୍ତ୍ତମାନ ପ୍ରତ୍ୟକ ଗାଁ,ସାହି,ବସ୍ତିରେ ପାଇପ ଲାଇନ ଓ ନଳକୂପ ବସିବା ପରେ କୂଅର ବ୍ୟବହାର ଅନେକାଂଶରେ ସମସ୍ତଙ୍କ ପାଇଁ କମି ଯାଇଛି। କୂଅରୁ ପାଣି କାଢ଼ିବା ଦ୍ୱାରା ଜଣେ ମହିଳା ସେତେବେଳେ ନିଃରୋଗୀ ରହିପାରୁଥିଲା କିନ୍ତୁ, ବର୍ତ୍ତମାନ ପାଣି କାଢ଼ିବା ବନ୍ଦ ହେବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ପରିଲକ୍ଷିତ ହେଉଛି। ଦଉଡି ସାହଯ୍ୟରେ ପାଣି କାଢ଼ିବା ଦ୍ୱାରା ଶରୀରର ପାଦ ଠାରୁ ମୁଣ୍ଡ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍ଗ କାର୍ଯ୍ୟକ୍ଷମ ହୋଇଥାଏ । ଫଳରେ, ସ୍ନାୟୁଗତ ସମସ୍ୟା,ବିଭିନ୍ନ ବାତ ଆଦି ଦେଖାଯାଇ ନ ଥାଏ। ବର୍ତ୍ତମାନ ଆଧୁନିକତାର ଦ୍ୱାହି ଦେଇ ମନୁଷ୍ୟ ଯେତିକି ଆରାମ କରୁଛି, ସେତିକି ରୋଗ ଯନ୍ତ୍ରଣା ଭୋଗି ଔଷଧରେ ନିଜ ଆୟର ସିଂହ ଭାଗ ଖର୍ଚ୍ଚ କରୁଛି। ଅତୀତରେ, କୂଅରୁ ପାଣି କାଢ଼ିବା ଏକ ସ୍ୱତନ୍ତ୍ର ବ୍ୟାୟାମ ପରି କାର୍ଯ୍ୟ କରୁଥିଲା। କୂଅରୁ ପାଣି କାଢ଼ିବା ସମୟରେ ଅସାବଧାନବଶତଃ ଗରା କି ବାଲିଟି କୂଅରେ ଖସିପଡିଲେ ତାକୁ ବାହାର କରିବା ପାଇଁ ସ୍ୱତନ୍ତ୍ର କଣ୍ଟାଯୁକ୍ତ ଲୁହାର ଏକ ଯନ୍ତ୍ର ସମସ୍ତଙ୍କ ଘରେଘରେ ପରିଚିତ ରହିଥିଲା ଯାହାକୁ ଗାଁ ଗହଳିରେ 'ବିଲେଇ' ବୋଲି କହୁଥିଲେ। ଏବଂ ଅନ୍ୟ କେତେକ ଜାଗାରେ ଚିମୁଟା,କୂଅରୁ କଢ଼ା ଯନ୍ତ୍ର ମଧ କହିଥାନ୍ତି କିନ୍ତୁ,ଭାପୁର ଅଞ୍ଚଳରେ ବିଲେଇ ନାମରେ ପରିଚିତ। ଏହା ସମ୍ପୂର୍ଣ୍ଣ ଲୁହାରେ ନିର୍ମାଣ ହୋଇଥିବା ବେଳେ ସେଥିରେ ୧୫ରୁ ୨୦ ଟି କଣ୍ଟାର ଅଙ୍କୁଶ ରହିଥାଏ। ଦଉଡି ସାହାଯ୍ୟରେ ତାକୁ ବାନ୍ଧି କୂଅରେ ପକେଇ ଏପଟସେପଟ କରିଲେ କୂଅରେ ପଡ଼ିଥିବା ଗରା କି ବାଲିଟ ସେହି ବିଲେଇର କଣ୍ଟାରେ ଲାଗିଥାଏ ଏବଂ ପରେପରେ ତାକୁ ଉଦ୍ଧାର କରାଯାଇଥାଏ। ଏବେ ସେହି କୂଅରେ ପଡ଼ିଥିବା ଗରାବାଲିଟ



ଉଦ୍ଧାର ଯନ୍ତ୍ର 'ବିଲେଇ' ଗାଁ ଗହଳିରୁ ହଜିବାକୁ ବସିଥିବାବେଳେ ବର୍ତ୍ତମାନର ପିଢ଼ିଙ୍କ ପାଇଁ ଏହା ନୂଆ ପରି ଲାଗିବ।

## ଗଜପତିରେ ୨୪ ଯାଏଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା

ପାରଳାଖେମୁଣ୍ଡି,୨୨।୪ (ନିପ୍ର); ଗଜପତି ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ତାପ ମାତ୍ରାକୁ ନଜରରେ ରଖି ୩ ଦିନ ପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତି ଏବଂ ଘରୋଇ ବିଦ୍ୟାଳୟ ଆସନ୍ତା ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଛୁଟି ରଖିବା ନିମନ୍ତେ ଜିଲ୍ଲା ଶିକ୍ଷାକାରୀଙ୍କ କାର୍ଯ୍ୟଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ବିଦ୍ୟାର୍ଥୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ସୂଚନା ଦେଇଛନ୍ତି । ଶିଶୁ ବାଟିକାରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିବା ବେଳେ ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରି କାମ ଚାଲୁ ରହିବ । ପ୍ରକାଶ ଥାଉକି ପୂର୍ବରୁ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ସକାଳୁଆ ସ୍କୁଲ୍ ଖୋଲିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଥିଲା । ସୂଚନାଯୋଗ୍ୟ ଗତ ୩ଦିନ ଧରି ଗଜପତିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି ଫଳରେ ମଧ୍ୟାହ୍ନରେ ୪୦ ଡିଗ୍ରୀ ଛୁଇଁଲାଣି ତାପମାତ୍ରା। ତେଣୁ ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ତରଫରୁ ଆହ୍ୱାନ କରାଯାଇଛି।

## ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବଲାଙ୍ଗିର ଛାତ୍ର କଂଗ୍ରେସର ସଫଳତା

ବଲାଙ୍ଗିର,୨୨/୪ (ନିପ୍ର): ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ନେତୃତ୍ୱରେ ଆଜି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତି କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦୁଇଟି ମୁଖ୍ୟ ଦାବିକୁ ନେଇ ଏହି ଆନ୍ଦୋଳନ ହୋଇଥିଲା। ପ୍ରଥମ ଦାବି ଭାବେ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷା କୁ ସ୍ଥଗିତ କରି ତାହାର ତାରିଖକୁ ଆଗକୁ ବଢାଇବାକୁ ଦାବି କରାଯାଇଥିଲା।

ଦ୍ୱିତୀୟତଃ ବଲାଙ୍ଗିର ଜିଲ୍ଲାରେ ଚାଲୁଥିବା ଅତ୍ୟଧିକ ତାପମାତ୍ରା ଓ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ବିଶ୍ୱ ବିଦ୍ୟାଳୟକୁ ତତ୍କାଳ ବନ୍ଦ କରିବା ପାଇଁ ଦାବି ଉଠିଥିଲା । ଏହି ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ସୁଚାରୁ ଭାବେ ସଂଗଠିତ କରାଯାଇଥିଲା । ତାଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ସଦସ୍ୟମାନେ ଦୃଢ ଭାବରେ ଏହି ଦୁଇଟି ଦାବିକୁ ଉପସ୍ଥାପନା କରି ଆନ୍ଦୋଳନକୁ ଶକ୍ତିଶାଳି କରିଥିଲେ । ବିକ୍ଷୋଭ ସମୟରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଉତ୍ସାହପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରି ନିଜ ଅଧିକାର ପାଇଁ ସ୍ୱର ଉଠାଇଥିଲେ । ବିଶେଷ କଥା ହେଉଛି ଏହି ଦାବିକୁ କେବଳ ଛାତ୍ର କଂଗ୍ରେସ ପକ୍ଷରୁ ମାତ୍ର ଉଠା ଯାଇଥିଲା ଏବଂ ଏହା ପାଇଁ ସଂଗଠନ ପକ୍ଷରୁ ଲଗାତାର ପ୍ରୟାସ ଜାରି ରହିଥିଲା । ଛାତ୍ର କଂଗ୍ରେସ ପକ୍ଷରୁ ଜଣାଇଯାଇଛି ଯେ, ଚିନ୍ମୟ ବେହେରାଙ୍କ ସକ୍ରିୟ ପଦକ୍ଷେପ ଓ ଦୃଢ ନେତୃତ୍ୱର ଫଳ ସ୍ୱରୁପ ବିଶ୍ୱ ବିଦ୍ୟାଳୟ ପ୍ରଶାସନ ଛାତ୍ରମାନଙ୍କ ଦାବିକୁ ସକାରାତ୍ମକ ଭାବେ ଗ୍ରହଣ କରିଛି । ଏହାର ପରିଣାମସ୍ୱରୁପ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷାକୁ ସ୍ଥଗିତ କରାଯାଇ ତାହାର ତାରିଖକୁ ଆଗକୁ ଘୁଞ୍ଚାଯାଇଛି । ଏହି ସଫଳତାକୁ ଛାତ୍ର କଂଗ୍ରେସ ତାଙ୍କର ଏକତା, ସଂଘର୍ଷ ଓ ଛାତ୍ରହିତ ପ୍ରତିବଦ୍ଧତାର ଜୟ ବୋଲି ବର୍ଣ୍ଣନା କରିଛି ।

## କେନ୍ଦୁପତ୍ର ତୋଳିଯାଇଥିବା ବେଳେ ବୃଦ୍ଧାଙ୍କୁ ଦଳି ଦେଲା ଦନ୍ତା

ରେଢ଼ାଖୋଲ,୨୨।୪ (ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବାଟଗାଁ ଫରେଷ୍ଟ ସେକ୍ସନ ଚଢ଼ଚଢ଼ି ବିଟର ଚଢ଼ଚଢ଼ି ଗ୍ରାମରେ ବୁଧବାର ସକାଳୁ ଗ୍ରାମର ଜଣେ ବୃଦ୍ଧାଙ୍କୁ ଏକ ଦନ୍ତା ହାତୀ ଦଳି ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ମୃତ ବୃଦ୍ଧା ଜଣଙ୍କ ହେଲେ ଚଢ଼ଚଢ଼ି ଗ୍ରାମର ଉପାସି ବେହେରା (୫୯) । ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ସକାଳୁ ସକାଳୁ ଉପାସି ବେହେରା ଘର ପଛ ପାଖରେ ଥିବା ନିଜ କାଜୁ ବଗିଚା ରାସ୍ତା ଦେଇ କେନ୍ଦୁପତ୍ର ତୋଳିବାକୁ ଯାଉଥିବା ବେଳେ ଦୀର୍ଘ ଦିନ ହେଲା ଅଞ୍ଚଳ ରେ ଉପଦ୍ରବ କରୁଥିବା ଏକ ଗୋଠ ଛଡା ଦନ୍ତା କାଜୁ ବଗିଚା ସମ୍ମୁଖରେ ଉପାସିଙ୍କୁ ଦଳି ଦେଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସେଠାରେ ଗ୍ରାମବାସୀ ଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ନାକଟିଦେଉଳ ପୋଲିସ ଏବଂ ବନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ପରେ ମୃତ ଶରୀରକୁ ଜବତ କରି ରେଢ଼ାଖୋଲ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପଠାଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ସରକାରୀ ସହାୟତା ପାଇଁ ପରିବାର ପକ୍ଷରୁ କୁହାଯାଇଛି ।

CMYK
23 04.2026 P-5.pmd 1 4/22/2026, 4:57 PM

### ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀରେ ପ୍ରଧାନମନ୍ତ୍ରୀଙ୍କ କଡ଼ା ବାର୍ତ୍ତା

# ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ



ନୂଆଦିଲ୍ଲୀ, ୨୨।୪:ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁକୁ ଭୁଲି ହେବ ନାହିଁ। ପହଲଗାମ ଆକ୍ରମଣରେ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରାଯାଇଥିଲା। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଭୁଲିହେବ ନାହିଁ। ଆତଙ୍କବାଦୀଙ୍କ ଘୃଣ୍ୟ ଯୋଜନା କେବେ ସଫଳ ହେବ ନାହିଁ। ଭାରତ କୌଣସି ପ୍ରକାରେ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଏହି ଦୁଃଖ ଏବଂ ସଂକଳ୍ପର ସମୟରେ, ଆମେ ଏକ ରାଷ୍ଟ୍ର ଭାବରେ ଏକଜୁଟ ହୋଇ ଠିଆ ହୋଇଛୁ। ବର୍ଷକ ପୂର୍ବେ, ଏପ୍ରିଲ ୨୨ ତାରିଖରେ, ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ବୈସାରନ ଉପତ୍ୟକାରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ୨୨ ଏପ୍ରିଲ ୨୦୨୫, ଏପରି ଏକ ତାରିଖ ଯାହାକୁ ଦେଶ କେବେ ଭୁଲିପାରିବ ନାହିଁ। ସେହି ଦିନ, ବୈସାରନର ସୁନ୍ଦର ଉପତ୍ୟକା ହଠାତ୍ ଲୋକଙ୍କ କରୁଣ ଚିତ୍କାର ଏବଂ ବାରୁଦ ଧୂଆଁରେ ଭରି ଯାଇଥିଲା। ଆତଙ୍କବାଦୀଙ୍କ ଗୁଳି କେବଳ ମୃତ୍ୟୁ ଆଣିଥିଲା। ଏହି ହୃଦୟବିଦାରକ ଘଟଣା ସମଗ୍ର ଦେଶକୁ ଥରାଇ ଦେଇଥିଲା। ଅନେକ ପରିବାର ନିଜ ପ୍ରିୟ ପରିଜନଙ୍କୁ ହରାଇ ଭାଙ୍ଗି ପଡ଼ିଥିଲେ। ଏହି ଘଟଣା ସାରା ଦେଶରେ ଆକ୍ରୋଶର କାରଣ ହୋଇଥିଲା, ଏବଂ ସବୁଠି ପ୍ରତିବାଦ ଆରମ୍ଭ ହୋଇଥିଲା। ଆଜି ମଧ୍ୟ, ଗୋଟିଏ ବର୍ଷ ପରେ, ସେହି ଦୃଶ୍ୟକୁ ମନେ ପକାଇଲେ ଦେହ ଥରିଯାଉଛି । ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀରେ, ଉପତ୍ୟକାରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ଗୁଇନ୍ଦା ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଛି। ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯେକୌଣସି ଅନୁପ୍ରବେଶ କିମ୍ବା ଆକ୍ରମଣ ଷଡ଼ଯନ୍ତ୍ରକୁ ସମୟ ମଧ୍ୟରେ ବିଫଳ କରିବା ପାଇଁ ଏହି ଅଞ୍ଚଳଗୁଡ଼ିକର ଚାରିପାଖରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର୍ କରାଯାଇଛି। ପହଲଗାମ ଆକ୍ରମଣର କିଛି ଦିନ ପରେ, ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ମେ ୬-୭ ତାରିଖରେ ଭାରତ ପାକିସ୍ତାନ ଏବଂ ପିଓକେରେ ଥିବା ଅନେକ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା।

# ଯୁଦ୍ଧ ବିରତି ବଢ଼ାଇଲେ ଟ୍ରମ୍ପ

### ଯେପର୍ଯ୍ୟନ୍ତ ତେହେରାନ ଆଲୋଚନା ପାଇଁ ପ୍ରସ୍ତାବ ଦେଇନାହିଁ




ନୂଆଦିଲ୍ଲୀ, ୨୨।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଶାନ୍ତି ଆଲୋଚନା ଶେଷ ନହେବା ପର୍ଯ୍ୟନ୍ତ ଇରାନ ସହିତ ଯୁଦ୍ଧବିରାମକୁ ବୃଦ୍ଧି କରିଛନ୍ତି। ଯୁଦ୍ଧବିରାମକୁ ବୃଦ୍ଧି ନକରିବା ପାଇଁ ତାଙ୍କର ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ସେ କହିଛନ୍ତି ଯେ ଆମେରିକା ଇରାନ ବନ୍ଦରଗୁଡ଼ିକୁ ଅବରୋଧ କରିବା ଜାରି ରଖିବ, ଯାହାକୁ ଇରାନର ବୈଦେଶିକ ମନ୍ତ୍ରୀ ପୂର୍ବରୁ କହିଥିଲେ ଯେ ଏହା ଏକ 'ଯୁଦ୍ଧ କାର୍ଯ୍ୟ'। ଜଣେ ଇରାନୀ ବରିଷ୍ଠ ପରାମର୍ଶଦାତା କହିଛନ୍ତି ଯେ ଏହି ବୃଦ୍ଧି 'କିଛି ଅର୍ଥ ନାହିଁ' ଏବଂ ତେହେରାନକୁ ସାମରିକ ଭାବରେ ଜବାବ ଦେବା ଉଚିତ। ଏହି ସମୟରେ, ଇରାନର ଜାତିସଂଘ ଦୂତ କହିଛନ୍ତି ଯେ ସେ ବିଶ୍ୱାସ କରନ୍ତି ଯେ ଯଦି ଆମେରିକା ଏହାର ଅବରୋଧ ସମାପ୍ତ କରେ ତେବେ ଆଲୋଚନା ହେବ। ଟ୍ରମ୍ପଙ୍କ ଘୋଷଣା ପରେ, ହ୍ୱାଇଟ୍ ହାଉସର ଜଣେ ଅଧିକାରୀଙ୍କ ଅନୁଯାୟୀ, ଇରାନ ସହିତ ଆଲୋଚନା ପାଇଁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଇସଲାମାବାଦ ଯାତ୍ରାକୁ ଦିନ ପାଇଁ ବାତିଲ କରାଯାଇଥିଲା। ଇରାନର ଆଇଆରଜିସି କହିଛି ଯେ 'ହର୍ମୁଜ୍ ପ୍ରଣାଳୀରେ ଶୃଙ୍ଖଳା ଏବଂ ସୁରକ୍ଷା ବିପର୍ଯ୍ୟସ୍ତ କରିବା ପାଇଁ ସେମାନେ ଦୁଇଟି ଜାହାଜକୁ ଜବତ କରିଛନ୍ତି', ତାସନିମ୍ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବନ୍ଦରଗୁଡ଼ିକୁ ଅବରୋଧ କରିବା ଜାରି ରଖିଥିବାରୁ ଇରାନ ଯୁଦ୍ଧବିରତିକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, ଯେପର୍ଯ୍ୟନ୍ତ ତେହେରାନ ଆଲୋଚନା ପାଇଁ ପ୍ରସ୍ତାବ ଦାଖଲ କରିନାହିଁ ।

# ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କଲା ପାକିସ୍ତାନ

### 'ରଣନୈତିକ ବ୍ଲାକଆଉଟ୍' ପଛରେ ସିଆଇଏ-ଆଇଏସ୍ଆଇର ହାତ !

ନୂଆଦିଲ୍ଲୀ/ଇସଲାମାବାଦ, ୨୨।୪: ପାକିସ୍ତାନ ଭାରତୀୟ ବିମାନ ପାଇଁ ମେ' ୨୪ ପର୍ଯ୍ୟନ୍ତ ପାକିସ୍ତାନ ନିଜ ବାୟୁସୀମା ବନ୍ଦ କରିଦେଇଛି। ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହେବା ପରେ ଭାରତ ଏବଂ ପାକିସ୍ତାନ ପରସ୍ପରର ବିମାନ ପାଇଁ ସେମାନଙ୍କର ଏୟାରସ୍ପେସ୍ ବନ୍ଦ କରିଦେଇଥିଲେ। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ 'ନୋଟିସ୍‌ଟୁ ଏୟାରମ୍ୟାନ୍' (ନୋଟାମ୍)ରେ କହିଛନ୍ତି ଯେ ୨୪ ମେ' ୨୦୨୬ ସକାଳ ୫ଟା ପର୍ଯ୍ୟନ୍ତ ସମସ୍ତ ଭାରତୀୟ ପଞ୍ଜିକୃତ, ଲିଜ୍ ଅର୍ଡର, ବାଣିଜ୍ୟିକ ଏବଂ ସାମରିକ ବିମାନକୁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବ ନୋଟିସ୍‌ର ୨୪ ଏପ୍ରିଲ ଶେଷ ତାରିଖ ସରିବାର ହେବାର ଦୁଇ ଦିନ ପୂର୍ବରୁ ଏହି ନୂଆ ନୋଟିସ୍ ଜାରି କରାଯାଇଥିଲା। ଭାରତ ପାଇଁ ପାକିସ୍ତାନର ଆକାଶ ସୀମା ବନ୍ଦ କରିବାର ସମୟସୀମା ବୃଦ୍ଧି ପରେ, ଭାରତୀୟ ଗୁଇନ୍ଦା ସଂସ୍ଥା 'ର'ର ପୂର୍ବତନ ଏଜେଣ୍ଟ ଲକି ବିଷ୍ଟ ଦାବି କରିଛନ୍ତି ଯେ, ୨୪ ମେ' ପର୍ଯ୍ୟନ୍ତ ପାକିସ୍ତାନର ଆକାଶ ସୀମା ବନ୍ଦ କରିବା କେବଳ ଏକ ଅବରୋଧ ନୁହେଁ, ବରଂ ଏକ ରଣନୈତିକ ବ୍ଲାକଆଉଟ୍।



ଇସଲାମାବାଦରେ ଆମେରିକୀୟ କେନ୍ଦ୍ରୀୟ ଗୁପ୍ତଚର ସଂସ୍ଥା(ସିଆଇଏ) ଏବଂ ପାକିସ୍ତାନର ଗୁପ୍ତଚର ସଂସ୍ଥା ଇଣ୍ଟର ସର୍ଭିସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ମଧ୍ୟରେ ଗୁପ୍ତ ଶାନ୍ତି ଆଲୋଚନା ଚାଲିଛି। ଏହା ବ୍ୟତୀତ, ଇଜିପ୍ଟ ସହିତ ଥଣ୍ଡର-୨ ସାମରିକ ଅଭ୍ୟାସ ମଧ୍ୟ ଚାଲିଛି। ସେ କହିଛନ୍ତି, ଯେକୌଣସି ବାଣିଜ୍ୟିକ ଜାହାଜର ରାଡାର ମାଧ୍ୟମରେ ଯେପରି ଭିତରର ଗତିବିଧି ଜଣା ନପଡ଼ିବ ସେଥିପାଇଁ ଜାଣିଶୁଣି ବାୟୁସୀମାକୁ ସିଲ୍ କରାଯାଇଛି। ସେ ଏହାକୁ ଏକ ଜଣାଶୁଣା ଗୁପ୍ତଚର ଡାଲ ବୋଲି କହିଛନ୍ତି। ପାକିସ୍ତାନର ଆକାଶମାର୍ଗ ଉପରେ ପ୍ରତିବନ୍ଧକ ଲାଗୁ ହେବାର ପ୍ରାୟ ଗୋଟିଏ ବର୍ଷ ବିତିଗଲାଣି, ଯାହା ଫଳରେ ଭାରତୀୟ ବିମାନଗୁଡ଼ିକୁ ବିଭିନ୍ନ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ଲମ୍ବା ରାସ୍ତା ନେବାକୁ ପଡୁଛି। ଭାରତ ୨୪ ଏପ୍ରିଲ ସକାଳ ୫:୩୦ ପର୍ଯ୍ୟନ୍ତ ପାକିସ୍ତାନୀ ବିମାନକୁ ନିଜର ଆକାଶମାର୍ଗ ବ୍ୟବହାର କରିବାକୁ ବାରଣ କରିଛି ଏବଂ ଏହି ପ୍ରତିବନ୍ଧକ ଆହୁରି ବୃଦ୍ଧି ହେବାର ସମ୍ଭାବନା ଅଛି।ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ଦ୍ୱାରା ପାକିସ୍ତାନ ବିରୋଧରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶ ଭାବରେ ଲାଗୁ ହୋଇଥିବା ଏହି ପ୍ରତିବନ୍ଧକ ପ୍ରାରମ୍ଭରେ ୨୦୨୫ ମେ' ୨୪ ପର୍ଯ୍ୟନ୍ତ ଥିଲା ଏବଂ ପରେ ପ୍ରତି ମାସରେ ବୃଦ୍ଧି କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' କହି ବିବାଦରେ ଖଡଗେ

ନୂଆଦିଲ୍ଲୀ, ୨୨।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆତଙ୍କବାଦୀ ଅଡୁଆରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ। ନିର୍ବାଚନ କମିଶନ ଖଡଗେଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିଷୟରେ ତାଙ୍କର ବିବାଦୀୟ ମନ୍ତବ୍ୟ ସମ୍ପର୍କରେ ନିର୍ବାଚନ କମିଶନ କଂଗ୍ରେସ ଅଧ୍ୟକ୍ଷଙ୍କୁ ୨୪ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କହିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିବା ପରେ ନିର୍ବାଚନ କମିଶନ ବୁଧବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖଡଗେଙ୍କ ବିବାଦୀୟ ବୟାନ ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ନିର୍ବାଚନ କମିଶନଙ୍କ ଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, ଖଡଗେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଷୟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ଏଆଇଏଡିଏମକେକୁ ସମାଲୋଚନା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆତଙ୍କବାଦୀ ବୋଲି କହିଥିଲେ। ଯଦିଓ ସେ ପରେ ତାଙ୍କ ମନ୍ତବ୍ୟ ପରେ ସଫେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ ନୁହେଁ ଭୟ ଏବଂ ଆତଙ୍କ ସୃଷ୍ଟି କରିଥାନ୍ତି ବୋଲି କହିଥିଲେ। ତେବେ ଖଡଗେ ମୋଦିଙ୍କୁ ଆତଙ୍କବାଦୀ ବୋଲି କହିବା ଏକ ବଡ଼ ରାଜନୈତିକ ବିବାଦ ସୃଷ୍ଟି କରିଛି।

### ପ୍ରତିରକ୍ଷା ମନ୍ତ୍ରୀଙ୍କ ଆଶ୍ଚର୍ଯ୍ୟଜନକ ବୟାନ

# ଭାରତ ମଧ୍ୟସ୍ଥତା ଚେଷ୍ଟା କରୁଛି

ନୂଆଦିଲ୍ଲୀ, ୨୨।୪: ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ମଧ୍ୟରେ, ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି। ଜର୍ମାନୀରେ ଭାଷଣ ଦେଇ ସେ କହିଛନ୍ତି ଯେ ଭାରତ ଦୁଇ ରାଷ୍ଟ୍ର ମଧ୍ୟରେ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରିଛି, କିନ୍ତୁ ଉଲ୍ଲେଖ କରିଛନ୍ତି ଯେ ପ୍ରତ୍ୟେକ ଜିନିଷ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଅଛି। ଏହା ଉଲ୍ଲେଖନୀୟ ଯେ ପାକିସ୍ତାନ, ଇଜିପ୍ଟ ଏବଂ ତୁର୍କୀ ବର୍ତ୍ତମାନ ଉଭୟ ପକ୍ଷ ମଧ୍ୟରେ ମଧ୍ୟସ୍ଥତା କରୁଛନ୍ତି । ଏକ ପ୍ରୟାସ ଯାହା ଇସଲାମାବାଦରେ ଦୁଇ ରାଷ୍ଟ୍ର ମଧ୍ୟରେ ପ୍ରଥମ ଥର ପାଇଁ ଆଲୋଚନା କରିଥିଲା। ଜର୍ମାନୀ ଗସ୍ତ ସମୟରେ ଯେତେବେଳେ



ପଚରାଗଲା ଯେ ପଶ୍ଚିମ ଏସୀୟ ସଙ୍କଟ ମଧ୍ୟରେ ଭାରତ ଶାନ୍ତି ପ୍ରତିଷ୍ଠାରେ ଭୂମିକା ଗ୍ରହଣ କରିପାରିବ କି ନାହିଁ, ରାଜନାଥ ସିଂ ଉତ୍ତର ଦେଇଥିଲେ, "ଭାରତ ପ୍ରକୃତରେ ନିଜ ପକ୍ଷରୁ ପ୍ରୟାସ କରିଛି; କିନ୍ତୁ, ଯେପରି ଆପଣ ଜାଣନ୍ତି, ଯେତେବେଳେ ଏକ ସଙ୍କଟ ଚାଲୁଥାଏ, ସେତେବେଳେ କିଛି ଅସୁବିଧା ଅନିବାର୍ଯ୍ୟ ଭାବରେ ଉପୁଜିଥାଏ। ସବୁକିଛି ପାଇଁ ଏକ ସଠିକ୍ ସମୟ ଅଛି। ଏହା ସମ୍ଭବ ଯେ ଆସନ୍ତାକାଲି ସେହି ମୁହୂର୍ତ୍ତ ଆସିବ ଯେତେବେଳେ ଭାରତ ଏହି ମାମଲାରେ ନିଜର ଭୂମିକା ଗ୍ରହଣ କରିବ ଏବଂ ସଫଳତା ମଧ୍ୟ ହାସଲ କରିବ। ଆମେ ଏହି ସମ୍ଭାବନାକୁ ଖାରଜ କରିପାରିବୁ ନାହିଁ।" ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ପକ୍ଷଙ୍କ ସହିତ – ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହିତ ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି ଏବଂ ସେମାନଙ୍କୁ ବିବାଦ ସମାପ୍ତ କରିବାକୁ ନିବେଦନ କରିଛନ୍ତି । ରାଜନାଥ ସିଂ ମନ୍ତବ୍ୟ ଦେଇଛନ୍ତି ଯେ କୂଟନୈତିକ ମାମଲାରେ ଆମ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସନ୍ତୁଳିତ । ଏପ୍ରିଲ ୮ ତାରିଖରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଯୁଦ୍ଧବିରତି ହୋଇଥିଲା, ଯାହା ପରେ ପାକିସ୍ତାନ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନାକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉଭୟ ରାଷ୍ଟ୍ରର ପ୍ରତିନିଧିମଣ୍ଡଳ ଏପ୍ରିଲ ୧୧ ଏବଂ ୧୨ ତାରିଖରେ ଇସଲାମାବାଦରେ ପହଞ୍ଚିଥିଲେ। ଆମେରିକା ପ୍ରତିନିଧିମଣ୍ଡଳର ନେତୃତ୍ୱ ଜେ.ଡି. ଭାନ୍ସ ନେଇଥିଲେ, ଯେତେବେଳେ ଇରାନୀ ପ୍ରତିନିଧିମଣ୍ଡଳର ନେତୃତ୍ୱ ଏମ୍.ବି. ଗାଲିବାଫ୍ ନେଇଥିଲେ।

## ଭାରତକୁ ମିଳିବ ନୂଆ ସାମରିକ ଉପକରଣ



ନୂଆଦିଲ୍ଲୀ, ୨୨/୪: ଭାରତୀୟ ସେନାର ମାଇନ୍-ସୁଇପିଂ କ୍ଷମତାକୁ ଏକ ବଡ଼ ବୃଦ୍ଧି କରିବା ପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ଟି-୭୨ ଏବଂ ଟି-୯୦ ଯୁଦ୍ଧ ଟ୍ୟାଙ୍କ ସମ୍ପର୍କିତ ଏକ ବଡ଼ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ମନ୍ତ୍ରଣାଳୟ ଟ୍ୟାଙ୍କର ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ପ୍ରାୟ ୯୭୫ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି। ଟ୍ରଲ୍ ଆସେମ୍ବଲି ଯୁଦ୍ଧ ସମୟରେ ମାଇନ୍ ଫିଲ୍ଡ ପାର କରିବା ପାଇଁ ସେନାର କ୍ଷମତାକୁ ଆହୁରି ସୁଦୃଢ଼ କରିବ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ଦିଲ୍ଲୀରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଟ୍ୟାଙ୍କ ପାଇଁ ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍ ଏବଂ ଇଲେକ୍ଟ୍ରୋ ନ୍ୟୁମେଟିକ୍ସ ଆଣ୍ଡ ହାଇଡ୍ରୋଲିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଟ୍ରଲ୍ ଆସେମ୍ବଲି ହେଉଛି ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ। ଏହି ସ୍ୱତନ୍ତ୍ର ଉପକରଣଗୁଡ଼ିକ ଟ୍ୟାଙ୍କ ସମ୍ମୁଖରେ ସ୍ଥାପିତ ହୋଇଥାଏ। ଏହାର କାମ ହେଉଛି ମାଇନ୍ ବିଛାଯାଇଥିବା କ୍ଷେତ୍ର ଦେଇ ଏକ ସୁରକ୍ଷିତ ପଥ ସୃଷ୍ଟି କରିବା। ବିଶେଷକରି, ଏହା ପ୍ରୋକ୍ସିମିଟି ମ୍ୟାଗ୍ନେଟିକ୍ ଫ୍ୟୁଜ୍ ସହିତ ସଜ୍ଜିତ ଆଣ୍ଟି-ଟ୍ୟାଙ୍କ ମାଇନ୍‌କୁ ନିଷ୍କ୍ରିୟ କରିବାକୁ ସକ୍ଷମ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ଉପକରଣ ମାଇନ୍ ଫିଲ୍ଡଗୁଡ଼ିକ, ବିଶେଷକରି ଟ୍ୟାଙ୍କ-ବିରୋଧୀ ମାଇନ୍ ଏବଂ ଚୁମ୍ବକୀୟ ଫ୍ୟୁଜ୍ ସହିତ ସଜ୍ଜିତ ମାଇନ୍ ଫିଲ୍ଡଗୁଡ଼ିକ ମଧ୍ୟ ଦେଇ ସୁରକ୍ଷିତ ପଥ ପ୍ରଦାନ କରିବ। ଏହା ଭାରତୀୟ ସେନାର କାର୍ଯ୍ୟକ୍ଷମ କ୍ଷମତାକୁ ଆହୁରି ସୁଦୃଢ଼ କରିବ। ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ ଅନୁସାରେ ଏହା ଯୁଦ୍ଧ ସମୟରେ ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ସାମରିକ ଯାନ ପାଇଁ ସୁରକ୍ଷିତ ମାର୍ଗ ସୃଷ୍ଟି କରିବ। ଏହି ନୂତନ ପ୍ରଣାଳୀର ସାମିଲ ହେବା ଦ୍ୱାରା ଭାରତୀୟ ସେନାର କାର୍ଯ୍ୟକ୍ଷମ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ।

## ମମତାଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ସମାଲୋଚନା, ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ମୁଖ୍ୟମନ୍ତ୍ରୀ



କୋଲକାତା, ୨୨।୪: ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟ୍ ଏପ୍ରିଲ୍ ୨୩ ତାରିଖରେ ହେବାକୁ ଯାଉଛି । ଶାସକ ତୃଣମୂଳ କଂଗ୍ରେସ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନରେ ବିଜୟୀ ହେବା ନେଇ ଦାବି କରୁଛନ୍ତି। ଏହାରି ଭିତରେ ନିର୍ବାଚନର ମାତ୍ର ଗୋଟିଏ ଦିନ ପୂର୍ବରୁ, ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି । ମମତା ବାନାର୍ଜୀ ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଇଡି ରେଡ୍ ବେଳେ ବାଧା ସୃଷ୍ଟି କରିବା ମାମଲାକୁ ନେଇ ଏଭଳି କହିଛନ୍ତି । ପଶ୍ଚିମବଙ୍ଗରେ ମତଦାନର ମାତ୍ର ଗୋଟିଏ ଦିନ ପୂର୍ବରୁ, ସୁପ୍ରିମକୋର୍ଟ ମମତା ବାନାର୍ଜୀଙ୍କୁ ଭର୍ତ୍ସନା କରିଛନ୍ତି। କଠୋର ପର୍ଯ୍ୟବେକ୍ଷଣ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ବିବାଦ ନୁହେଁ, ବରଂ ଏକ ମାମଲା ଯେଉଁଠାରେ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ – ତଦନ୍ତ ମଧ୍ୟରେ ହସ୍ତକ୍ଷେପ କରି ଗଣତନ୍ତ୍ରକୁ ବିପଦରେ ପକାଉଛନ୍ତି । ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଜଣେ ମୁଖ୍ୟମନ୍ତ୍ରୀ ଏପରି ଭାବରେ ତଦନ୍ତରେ ହସ୍ତକ୍ଷେପ କରିବେ, ଏହି ଦେଶରେ ଏପରି ଦିନ ଆସିବ ବୋଲି କେବେ କଳ୍ପନା କରାଯାଇନଥିଲା ।

# ତେଲ ଟ୍ୟାଙ୍କର 'ଦେଶ ଗରିମା' ଭାରତରେ ପହଞ୍ଚିଲା



ମୁମ୍ବାଇ୨୨/୪: ଭାରତୀୟ ତୈଳ ଟ୍ୟାଙ୍କର୍ 'ଦେଶ ଗରିମା' ହର୍ମୁଜ୍ ପ୍ରଣାଳୀ ପାର ହୋଇ ଭାରତରେ ପହଞ୍ଚିଛି। ଦେଶ ଗରିମା ଅଶୋଧିତ ତୈଳ ଟ୍ୟାଙ୍କର୍ ବିପୁଳ ପରିମାଣର ତେଲ ନେଇ ଭାରତରେ ପହଞ୍ଚିଛି କିନ୍ତୁ ବର୍ତ୍ତମାନ ସମୁଦ୍ରରେ ଲଙ୍ଗର ପକାଇଛି। ଏହି ଜାହାଜ ମୁମ୍ବାଇ ଉପକୂଳରୁ କିଛି ନଟିକାଲ୍ ମାଇଲ୍ ଦୂରରେ ରହିଛି। ଏହି ଜାହାଜ ୧୮ ଏପ୍ରିଲରେ ହର୍ମୁଜ୍ ଛାଡିଥିଲା। ଭାରତୀୟ ପତାକା ଉଡ଼ାଇ ଏହି ଟ୍ୟାଙ୍କର୍ ଜାହାଜ ହର୍ମୁଜ୍ ପ୍ରଣାଳୀରେ ଆଇଆରଜିସି ଦ୍ୱାରା ଗୁଳିଚାଳନା ପରେ ମଧ୍ୟ ଆଗକୁ ବଢ଼ି ଚାଲିଥିଲା ଏବଂ ବର୍ତ୍ତମାନ ସୁରକ୍ଷିତ ଭାବରେ ଭାରତରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଏହି ଜାହାଜରେ ୩୧ ଜଣ ଭାରତୀୟ ନାବିକ ଅଛନ୍ତି। ଏହାର ସୁରକ୍ଷିତ ଆଗମନ ଇନ୍ଧନ ଅଭାବ ସମୟରେ ଆଶ୍ୱସ୍ତି ଦେବ। ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ମାର୍ଚ୍ଚ ମାସଠାରୁ ଦେଶ ଗରିମା ହେଉଛି ଦଶମ ଭାରତୀୟ ଜାହାଜ ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ଦେଶରେ ପହଞ୍ଚିଛି। ଭାରତ ବାଣିଜ୍ୟ ଜାହାଜ ଏବଂ ନାବିକଙ୍କ ସୁରକ୍ଷା ସମ୍ପର୍କରେ ନିଜର ସ୍ଥିତି ସ୍ପଷ୍ଟ କରିଛି ଏବଂ ଇରାନକୁ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରିବାକୁ ଦାବି କରିଛି। ଯୁଦ୍ଧ ମଧ୍ୟରେ ପରିବର୍ତ୍ତିତ ପରିସ୍ଥିତି ଏବଂ ତୈଳ ସଙ୍କଟ ସମୟରେ ଇରାନ ପୂର୍ବରୁ ଭାରତକୁ ସହାୟତା ଯୋଗାଇଛି। ଭାରତ ଏବଂ ଇରାନ ମଧ୍ୟରେ ସମ୍ପର୍କ ସର୍ବଦା ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି।

## ଇସ୍ତଫା ଦେଲେ ନେପାଳ ଗୃହମନ୍ତ୍ରୀ


କାଠମାଣ୍ଡୁ, ୨୨/୪: ଶେୟାର ବଜାରରେ ନିବେଶ ଓ ଆର୍ଥିକ କାରବାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ନେପାଳର ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ''ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି'' (ଆରଏସପି) ନେତୃତ୍ୱାଧୀନ ସରକାର ଗଠନ ହେବାର ମାତ୍ର କିଛି ସପ୍ତାହ ମଧ୍ୟରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଏଭଳି ବିବାଦରେ ଛନ୍ଦି ହୋଇ ଇସ୍ତଫା ଦେବା ଘଟଣା ଦେଶର ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଶ୍ରୀ ଗୁରୁଙ୍ଗ ସୋସିଆଲ ମିଡିଆ ଜରିଆରେ ନିଜର ନିଷ୍ପତ୍ତି ସମ୍ପର୍କରେ ଜଣାଇ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଏକ ନିରପେକ୍ଷ ତଦନ୍ତ ପାଇଁ ସେ ପଦ ତ୍ୟାଗ କରିଛନ୍ତି, ଯାହାଫଳରେ ତଦନ୍ତ ପ୍ରକ୍ରିୟାରେ କୌଣସି ପାତରଅନ୍ତର ହେବ ନାହିଁ। ଗୁରୁଙ୍ଗ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପଦବୀ ଅପେକ୍ଷା ମୋ ପାଇଁ ନୈତିକତା ବଡ଼ ଏବଂ ଜନସାଧାରଣଙ୍କ ବିଶ୍ୱାସଠାରୁ କୌଣସି ଶକ୍ତି ବଡ଼ ନୁହେଁ।

## ବିବାଦୀୟ ବୟାନ ଦେଲେ ପପୁ ଯାଦବ

ମାଲଦା/ପାଟନା, ୨୨/୪: ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ (ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ) ସଂସଦରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅଭାବରୁ କାଟ୍ ଖାଇବା ପରେ ବୁଧବାର ପୂର୍ଣ୍ଣିଆ ସାଂସଦ ପପୁ ଯାଦବ ଦେଇଥିବା ଏକ ବିସ୍ଫୋରକ ବୟାନ ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଛି। ମହିଳା ରାଜନେତାଙ୍କ ଶୋଷଣକୁ ନେଇ ପୂର୍ବରୁ ବିବାଦୀୟ ମନ୍ତବ୍ୟ ଦେଇଥିବା ଯାଦବ ଏବେ ମହିଳା କମିଶନଙ୍କ ନୋଟିସରେ କ୍ଷୁବ୍ଧ ହୋଇ ପାଲଟା ଅଭିଯୋଗ ଆଣିଛନ୍ତି ଯେ, ଦେଶର ୭୦ ରୁ ୮୦ ପ୍ରତିଶତ ରାଜନେତା 'ପର୍ଣ୍ଣ' (ଅଶ୍ଳୀଳ ଫିଲ୍ମ) ଦେଖନ୍ତି। ସେ ସିଧାସଳଖ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ଯଦି ସନ୍ଦେହ ଅଛି ତେବେ ତାଙ୍କ ସମେତ ସମସ୍ତ ନେତାଙ୍କ ଫୋନ୍ ଯାଞ୍ଚ କରାଯାଉ, ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ। ପପୁ ଯାଦବ ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖି କହିଛନ୍ତି ଯେ ଭାରତୀୟ ସମାଜରେ ମହିଳାଙ୍କୁ ଦେବୀ କୁହାଯାଏ ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କୁ ସମ୍ମାନ ମିଳେ ନାହିଁ।

## ଭାରତରେ ସାର ଉତ୍ପାଦନ ୨୫% ହ୍ରାସ କମିବ ଉତ୍ପାଦନ

ନୂଆଦିଲ୍ଲୀ, ୨୨/୪ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଦ୍ୱାରା ଭାରତରେ ସାର ଉତ୍ପାଦନ ମାର୍ଚ୍ଚରେ ପାଖାପାଖି ଏକ ଚତୁର୍ଥାଂଶ ହ୍ରାସ ପାଇଛି । ବାଣିଜ୍ୟ ମନ୍ତ୍ରାଳୟ ଅନୁସାରେ, ୨୦୨୫ ତୁଳନାରେ ୨୦୨୬ ମାର୍ଚ୍ଚରେ ଉତ୍ପାଦନ ୨୪.୬% କମିଯାଇଛି । ବିଶେଷକରି ସାର ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପ୍ରାକୃତିକ ଗ୍ୟାସ୍‌ର ଯୋଗାଣ ଯୁଦ୍ଧ କାରଣରୁ ପ୍ରଭାବିତ ହୋଇଛି । ୟୁରିଆ ଉତ୍ପାଦନରେ ଏହାର



ବ୍ୟବହାର ହୋଇଥାଏ, ଯାହା ଭାରତର କୃଷି କାର୍ଯ୍ୟ ପାଇଁ ଅତି ଜରୁରୀ ଉର୍ବରକ । ଏଥିପାଇଁ ଭାରତ ସମ୍ପୂର୍ଣ୍ଣ ରୂପେ ଅନ୍ତର୍ଜାତୀୟ ଉର୍ଜା ଦର ଏବଂ ଯୋଗାଣ ଉପରେ ନିର୍ଭର କରିଥାଏ । ଯୁଦ୍ଧ କାରଣରୁ ହୋର୍ମୁଜ ମାର୍ଗରେ ପରିବହନ ବନ୍ଦ ରହିଛି । ଏହି ମାର୍ଗ ଦେଇ ଉର୍ଜା ଏବଂ ସାର ସହ ଜଡ଼ିତ କଞ୍ଚାମାଲ ଯୋଗାଣ ହୋଇଥାଏ । ଫଳରେ ଦେଶରେ ସାର ଉତ୍ପାଦନ ବ୍ୟାହତ ହୋଇଛି ।

### ଲାଲ ଗ୍ରହରେ ଜୀବନ ନେଇ ନୂଆ ବିତର୍କ ଆରମ୍ଭ

# ପେରିଡୋଲିଆ ଯୋଗୁଁ ଏଭଳି ଭ୍ରମ: ବୈଜ୍ଞାନିକ

ୱାସିଂଟନ, ୨୨/୪: ମଙ୍ଗଳ ଗ୍ରହରେ ଜୀବନର ସମ୍ଭାବନାକୁ ନେଇ ସାରା ବିଶ୍ୱରେ ପୁଣି ଥରେ ଏକ ଉଷ୍ମ ବିତର୍କ ଆରମ୍ଭ ହୋଇଛି। ନାସାର ରୋଭର ଦ୍ୱାରା ପଠାଯାଇଥିବା ସାମ୍ପ୍ରତିକ ଚିତ୍ରଗୁଡ଼ିକ କିଛି କୀଟପତଙ୍ଗ ଏବଂ ଝିଟିପିଟି ପରି ପ୍ରାଣୀଙ୍କ ଆକୃତିକୁ ପ୍ରକାଶ କରିଛି। ଏହି ରହସ୍ୟମୟ ଚିତ୍ରଗୁଡ଼ିକ ବୈଜ୍ଞାନିକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଯଥେଷ୍ଟ କୌତୂହଳ ସୃଷ୍ଟି କରିଛି। ତଥାପି, ଅନେକ ବିଶେଷଜ୍ଞମାନଙ୍କ ଅନୁସାରେ ଏଗୁଡ଼ିକ କେବଳ ପବନ ଏବଂ ଧୂଳି ଦ୍ୱାରା ଗଠିତ ପଥର, ଜୀବନ୍ତ ପ୍ରାଣୀ ନୁହେଁ। ନାସାର ମଙ୍ଗଳ ଯାନ ରୋଭର ଦ୍ୱାରା ଉଠାଯାଇଥିବା ଏହି ଚିତ୍ରଗୁଡ଼ିକ ସାରା ବିଶ୍ୱର ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ହାଇ-ରିଜୋଲ୍ୟୁସନ୍ ଚିତ୍ରଗୁଡ଼ିକ ଉଡ଼ନ୍ତା କୀଟପତଙ୍ଗ ଭଳି କିଛି ବସ୍ତୁ ପ୍ରକାଶ କରୁଛି। ଏହା ଲାଲ ଗ୍ରହରେ କେବେ ଜୀବନ ଥିଲା କି ନାହିଁ, କିମ୍ବା ଆଜି ମଧ୍ୟ ଅଛି କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଛି। କୀଟତତ୍ତ୍ୱବିତ୍ ୱିଲିୟମ୍ ରୋମୋସର୍ ଏହି ସାର୍ବଜନୀନ ଭାବରେ ଉପଲବ୍ଧ ଫଟୋଗ୍ରାଫ୍‌ଗୁଡ଼ିକୁ ବିସ୍ତୃତ ଭାବରେ ଅଧ୍ୟୟନ କରିଛନ୍ତି। ସେ ଦାବି କରିଛନ୍ତି ଯେ, ଏଥିରେ



ସ୍ପଷ୍ଟ ଭାବରେ ଡେଣା ଏବଂ ଗୋଡ଼ ଥିବା କୀଟପତଙ୍ଗ ପରି ପ୍ରାଣୀ ଦେଖାଯାଉଛି। ସେ ଆମେରିକାର କୀଟତତ୍ତ୍ୱ ସମାଜର ଏକ ପ୍ରମୁଖ ବୈଠକରେ ତାଙ୍କର ଗବେଷଣା ଉପସ୍ଥାପନ କରିଛନ୍ତି। ରୋମୋସରଙ୍କ ଦାବି ସତ୍ତ୍ୱେ ବହୁ ବୈଜ୍ଞାନିକ ଏହାକୁ ଅବିଶ୍ୱାସ କରିଛନ୍ତି। ଅଧିକାଂଶ ବୈଜ୍ଞାନିକ କହିଛନ୍ତି, ଏହା କେବଳ ମଣିଷ ମନର ଏକ ମନସ୍ତାତ୍ତ୍ୱିକ ଭ୍ରମ ଯାହାକୁ ପେରିଡୋଲିଆ କୁହାଯାଏ। ଏହି ଭ୍ରମ ଯୋଗୁ ପ୍ରାୟତଃ ଲୋକଙ୍କୁ ମେଘ କିମ୍ବା ପଥର ଆଦିରେ ପରିଚିତ ଚେହେରା ଦେଖାଯାଇଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ମଙ୍ଗଳ ହେଉଛି ଆମ ସୌରମଣ୍ଡଳର ସବୁଠାରୁ ଅଧିକ ଅଧ୍ୟୟନ କରାଯାଇଥିବା ଗ୍ରହ। ଏହି ପ୍ରକାରର ଢାଞ୍ଚାଗୁଡ଼ିକ ପ୍ରକୃତରେ ଲକ୍ଷ ଲକ୍ଷ ବର୍ଷ ଧରି ପ୍ରବଳ ପବନ ଏବଂ ଧୂଳି ଉଡ଼ିବାର ଫଳାଫଳ। ଏହି ନିରନ୍ତର କ୍ଷୟ ମଙ୍ଗଳ ପଥରଗୁଡ଼ିକୁ ଏହି ଅଦ୍ଭୁତ ଆକାରରେ ପରିଣତ କରିଛି। ଏପର୍ଯ୍ୟନ୍ତ ମଙ୍ଗଳ ଗ୍ରହରେ କୌଣସି ଜଟିଳ ଜୀବନର ଅସ୍ତିତ୍ୱର କୌଣସି ଠୋସ୍ ପ୍ରମାଣ ମିଳିନାହିଁ। ତଥାପି, ଗବେଷକମାନେ ନୂତନ ଆବିଷ୍କାରଗୁଡ଼ିକୁ ଉନ୍ମୋଚନ କରିବା ପାଇଁ ଏହି ନୂତନ ଚିତ୍ରଗୁଡ଼ିକୁ ନିରନ୍ତର ବିଶ୍ଳେଷଣ କରୁଛନ୍ତି। କେବଳ ଭବିଷ୍ୟତର ବୈଜ୍ଞାନିକ ମିଶନଗୁଡ଼ିକ ମଙ୍ଗଳ ଗ୍ରହରେ ଜୀବନ ବିଷୟରେ ସମ୍ପୂର୍ଣ୍ଣ ସତ୍ୟ ପ୍ରକାଶ କରିବ। ନାସାର କ୍ୟୁରିଓସିଟି ରୋଭର ବହୁ ବର୍ଷ ଧରି ମଙ୍ଗଳ ଗ୍ରହର ପୃଷ୍ଠକୁ ନିକଟରୁ ପରୀକ୍ଷା କରିଆସୁଛି । ଏହା ଗ୍ରହକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ନିରନ୍ତର ନୂତନ ଚିତ୍ର ଏବଂ ତଥ୍ୟ ପୃଥିବୀକୁ ପଠାଇଥାଏ।

# ଆହାର କେନ୍ଦ୍ରରେ ଖାଦ୍ୟରୁ ବାହାରିଲା ମଲା ବିଛା

- ରାଜ୍ୟ ଗ୍ରନ୍ଥାଗାରରେ ଥିବା ଆହାର କେନ୍ଦ୍ର
- ବିଛା ବାହାରିବା ପରେ ଖାଇବା ବନ୍ଦ ହେଲା

ଭୁବନେଶ୍ୱର(ନିପ୍ର): ରାଜ୍ୟର ରାଜଧାନୀ ଭୁବନେଶ୍ୱରର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ଏକ ଆହାର କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ଖାଦ୍ୟରେ ଏକ ମଲା ବିଛା ମିଳିଥିବା ଘଟଣା ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣା ଖାଦ୍ୟ ନିରାପତ୍ତା ଏବଂ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛି । ବୁଧବାର ଏହି ଆହାର କେନ୍ଦ୍ରରେ ଖାଦ୍ୟ ପରିବେଷଣ କରାଯାଉଥିବା ସମୟରେ ଛାତ୍ରମାନେ ଖାଦ୍ୟରେ ଏକ ମଲା ବିଛା ଦେଖିବାକୁ ପାଇଥିଲେ । ବିଛା ବାହାରିବା ପରେ ଛାତ୍ରଛାତ୍ରୀମାନେ ଖାଦ୍ୟ ଖାଇବା ବନ୍ଦ କରିଦେଇଥିଲେ ଏବଂ ସେଠାରେ ଉତ୍ତ ?ଜନା ଦେଖାଦେଇଥିଲା । ଏହି ଆହାର କେନ୍ଦ୍ରଟି ମୁଖ୍ୟତଃ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ପାଇଁ ସସ୍ତା ମୂଲ୍ୟରେ ଖାଦ୍ୟ ଯୋଗାଇଥାଏ । ଘଟଣାର ଭିଡିଓ ଏବଂ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଏହା ବ୍ୟାପକ ଆଲୋଚନାର ବିଷୟ ପାଲଟିଛି । ଛାତ୍ରମାନେ ଖାଦ୍ୟର ଗୁଣବତ୍ତା ଏବଂ ପରିଷ୍କାର ପରିଚ୍ଛନ୍ନତା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆହାର କେନ୍ଦ୍ରର କର୍ମଚାରୀମାନେ ତୁରନ୍ତ ପ୍ରତିକ୍ରିୟା ଦେଇ ଖାଦ୍ୟ ପରିବେଶନ ବନ୍ଦ କରିଦେଇଥିଲେ । ଏହି ଘଟଣା ପରେ ଖାଦ୍ୟ ଯୋଗାଣ ଏବଂ ସ୍ୱଚ୍ଛତା ନେଇ ପ୍ରଶାସନିକ ସ୍ତରରେ ତଦନ୍ତ ଆରମ୍ଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏବେ ଏହି ଘଟଣା ଯୋଗୁଁ ପୁନର୍ବାର ଖାଦ୍ୟ ନିରାପତ୍ତା ନେଇ ପ୍ରଶ୍ନ ଉଠିଛି । ଆହାର କେନ୍ଦ୍ର ଯୋଜନା ସରକାରଙ୍କ ଏକ ଜନକଲ୍ୟାଣମୂଳକ ଯୋଜନା ହୋଇଥିବାରୁ ଏହାର ଗୁଣବତ୍ତା ଏବଂ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍ ବୋଲି ସାଧାରଣ ଲୋକେ ମତ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ଏ ବାବଦରେ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିନାହିଁ । ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏଭଳି ଘଟଣା ପୁନରାବୃତ୍ତି ନ ହେବା ପାଇଁ କଡ଼ାକଡ଼ି ବ୍ୟବସ୍ଥା ହେବାକୁ ଦାବି ହେଉଛି ।

## ସାଇବର ପୋଲିସ ଅନ୍ତଃରାଜ୍ୟ ସିଣ୍ଡିକେଟ୍‌କୁ ଧରିଲା

# ଜମତରା ଗ୍ୟାଙ୍ଗର ୪ ସଦସ୍ୟ ଗିରଫ

ଭୁବନେଶ୍ୱର(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ଜଣେ ବ୍ୟବସାୟୀଙ୍କୁ ଲକ୍ଷ୍ୟ କରି ଫେକ୍ ଆରଟିଓ ଚାଲାଣ ମେସେଜ୍ ପଠାଇ ପ୍ରାୟ ୭ ଲକ୍ଷ ଟଙ୍କା ଠକେଇ କରିଥିବା ଏକ ଆନ୍ତରାଜ୍ୟ ସାଇବର ଠକ ସିଣ୍ଡିକେଟକୁ ଭୁବନେଶ୍ୱର ସାଇବର ପୋଲିସ ଧରିଛି । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି ଏବଂ ମୁଲ୍ ଆକାଉଣ୍ଟରେ ଥିବା ୨ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି । ଗିରଫ ହୋଇଥିବା ୪ ଜଣ ଠକ ହେଉଛନ୍ତି ଝାଡଖଣ୍ଡର ମହମ୍ମଦ ଆବାସ୍ (୩୭),ମହମ୍ମଦ ସଲମାନ (୨୯),ମହମ୍ମଦ ଅମିର (୩୧) ଓ ମୁକେଶ ତୁରୀ (୨୭) । ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଅନୁଷ୍ଠିତ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି । ସିଣ୍ଡିକେଟ୍‌ର ମୁଖ୍ୟ ବ୍ୟକ୍ତି ମୁକେଶ୍ ତୁରି ଝାଡଖଣ୍ଡର ଜାମତାରାର ବାସିନ୍ଦା ବୋଲି ଅନୁମାନ କରାଯାଉଛି । ଘଟଣା ଅନୁଯାୟୀ, ମୟୂରଭଞ୍ଜର ସ୍ଥାନୀୟ ବ୍ୟବସାୟୀ ଜସୱନ୍ତ ଜେନା ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ଏକ ସନ୍ଦେହଜନକ ଏସ୍‌ଏମ୍‌ଏସ୍ ପାଇଥିଲେ । ଏହି ମେସେଜ୍‌ରେ ରିଜିଓନାଲ୍ ଟ୍ରାନ୍ସପୋର୍ଟ ଅଫିସ୍ (ଆରଟିଓ) ତରଫରୁ ପେଣ୍ଡିଂ ଚାଲାନ୍ ଥିବା କଥା ଲେଖାଥିଲା ଏବଂ ଏକ ଫେକ୍ ଆରଟିଓ ୱେବସାଇଟ୍ ଲିଙ୍କ୍ ସହ ରିଟୋଚାଲାନ୍ ଏପିକେ ଫାଇଲ୍ ଥିଲା । ଲିଙ୍କ୍ କ୍ଲିକ୍ କରିବା ପରେ ତାଙ୍କ ସ୍ମାର୍ଟଫୋନ୍ ହ୍ୟାଙ୍ଗ୍ ହୋଇଯାଇଥିଲା ଏବଂ ଫୋନ୍ ଅନ୍ ହେବା ବନ୍ଦ ହୋଇଯାଇଥିଲା ।ଏହାପରେ ଦୁଇଦିନ ମଧ୍ୟରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରଥମେ ୪ ଲକ୍ଷ ଟଙ୍କା ଏବଂ ପରେ ଅଧିକ ଟଙ୍କା ଉଠାଯାଇଥିଲା । ମୋଟ ୭ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜସୱନ୍ତ ଜେନା କହିଛନ୍ତି, “ମୋ ଫୋନ୍ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ହ୍ୟାଙ୍ଗ୍ ହୋଇ ରହିଥିଲା ଏବଂ ଦୁଇଦିନ ମଧ୍ୟରେ ମୋ ଆକାଉଣ୍ଟରୁ ମୋଟ ୭ ଲକ୍ଷ ଟଙ୍କା ଡେବିଟ୍ ହୋଇଯାଇଥିଲା । ମୁଁ ତୁରନ୍ତ ମୋର ବ୍ୟାଙ୍କ୍ ଆକାଉଣ୍ଟ ଡିଆକ୍ଟିଭେଟ୍ କରି ସାଇବର ପୋଲିସ ଷ୍ଟେସନ୍‌ରେ ଅଭିଯୋଗ କରିଥିବା କହିଛନ୍ତି । ଜସୱନ୍ତ ୧୩୯ ହେଲ୍ପଲାଇନ୍ ମାଧ୍ୟମରେ ରିପୋର୍ଟ କରି ଭୁବନେଶ୍ୱର ସାଇବର କ୍ରାଇମ୍ ଏଣ୍ଡ ଇକୋନୋମିକ୍ ଅଫେନ୍‌ସେସ୍ ପୋଲିସ ଷ୍ଟେସନ୍‌ରେ ଏଫ୍‌ଆଇଆର୍ ରୁଜୁ କରିଥିଲେ । ପୋଲିସ ସାତ ମାସ ଧରି ତଦନ୍ତ କରି ଏହି ସିଣ୍ଡିକେଟ୍‌କୁ ଧରିଛି । ପୋଲିସ ତଦନ୍ତରେ ଜଣାପଡ଼ିଛି ଯେ ଏହି ଗ୍ୟାଙ୍ଗ୍ ମୁଲ୍ ଆକାଉଣ୍ଟ୍ ନେଟୱର୍କ ମାଧ୍ୟମରେ ଠକେଇ ଟଙ୍କା ଟ୍ରାନ୍ସଫର୍ କରୁଥିଲା । ଆବ୍ୱାସ୍ ପ୍ରତି ଆକାଉଣ୍ଟ୍ ପାଇଁ ୬ ହଜାର ଟଙ୍କା ପାଉଥିଲେ, ସଲମାନ୍ ଆବାସ ଏବଂ ଆମିରଙ୍କ ମଧ୍ୟରେ ଲିଙ୍କ୍ ଭାବେ କାର୍ଯ୍ୟ କରୁଥିଲେ ଏବଂ ଆମିର ପ୍ରତି ଆକାଉଣ୍ଟ ପାଇଁ ୮ ହଜାର ଟଙ୍କା ପାଉଥିଲେ । ସେମାନେ ମଧ୍ୟସ୍ଥତାକାରୀ ଭାବେ କାମ କରୁଥିଲେ । ଡିସିପି ଜଗମୋହନ ମୀନା ଗ୍ୟାଙ୍ଗ ଗଠନ ବିଷୟରେ ବିସ୍ତାରରେ ବର୍ଣ୍ଣନା କରିଛନ୍ତି । ପୋଲିସ ସାଇବର ଠକେଇ ବିରୋଧରେ ଜନସାଧାରଣଙ୍କୁ ସଚେତନ କରାଇ କହିଛି ଯେ କୌଣସି ଅଜଣା ଲିଙ୍କ ଫାଇଲ୍ ଡାଉନଲୋଡ୍ କରନ୍ତୁ ନାହିଁ ଏବଂ ଚାଲାନ୍ ସମ୍ବନ୍ଧୀୟ ସୂଚନା ପାଇଁ କେବଳ ଅଫିସିଆଲ୍ ପରିବହନ ପୋର୍ଟାଲ୍ ବ୍ୟବହାର କରନ୍ତୁ ।ଏହି ସଫଳ ଅପରେସନ୍ ସାଇବର ଅପରାଧ ବିରୋଧରେ ଭୁବନେଶ୍ୱର ପୋଲିସର ସକ୍ରିୟ ଭୂମିକାକୁ ପ୍ରତିଫଳିତ କରୁଛି । ଏନେଇ ଅଧିକ ତଦନ୍ତ ଜାରି ରହିଛି ।

# ଘରେ ପଶି ଲୁଟ୍ କରିଥିବା ଦୁଇ ଡକାୟତ ଗିରଫ



ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତ ଗ୍ରାମରେ ଗତ ୭ ତାରିଖ ମଧ୍ୟରାତ୍ରିରେ କିଛି ଅଜଣା ଡକାୟତ ଅଭିଯୋଗକାରୀ ଦେବାଶିଷ ରାୟ (୩୭)ଙ୍କ ଘରର ପଛ ପାର୍ଶ୍ୱର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରି ନଗଦ ୧୫,୦୦୦/- ଟଙ୍କା, ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଏବଂ ଏଟିଏମ୍ କାର୍ଡ ଲୁଟ କରିଥିଲେ । ଘଟଣା ସମୟରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଏବଂ ତାଙ୍କ ପିତାଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଶ୍ରୀ ରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ୧୨୬/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ନିକଟବର୍ତ୍ତୀ ବେଣା ପଞ୍ଜୁରୀ ଗ୍ରାମର ଅଭିଯୁକ୍ତ ଅବଜାନ ଖାନ(୨୫) ଏବଂ ଅମିରୁଦ୍ଦିନ ଖାନ(୩୦)ଙ୍କ ସମ୍ପୃକ୍ତି ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେମାନେ ନିଜ ଦୋଷ ସ୍ୱୀକାର କରିଥିବା ସହ ଅପରାଧରେ ସେମାନଙ୍କ ସହଯୋଗୀମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ମଧ୍ୟ ପ୍ରକାଶ କରିଥିଲେ । ବୁଧବାର ଆଇନ ଅନୁଯାୟୀ ଉଭୟଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ପଙ୍କଳସାହି ଗ୍ରାମର ଗହିରମାଳଠାରେ ଏକ ଗଛରୁ ଜଣେ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଶିକ୍ଷକ ଜଣଙ୍କ ହେଉଛନ୍ତି ପଙ୍କଳସାହିର ରାଜେନ୍ଦ୍ର ସେଠୀ । ସୂଚନା ଅନୁସାରେ, ରାଜେନ୍ଦ୍ର ବୁଗୁଡ଼ା ବ୍ଲକ୍ କରଚୁଲି ପଞ୍ଚାୟତ ସିଙ୍ଗିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ବୁଧବାର ସକାଳୁ ସ୍ଥାନୀୟ ଲୋକେ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ । ତେବେ ଏହା ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ ରହିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ

ଜଟଣୀ(ନିପ୍ର): ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ମୁଖ୍ୟ ବାଳକୃଷ୍ଣ ଚୌଧୁରୀଙ୍କ ପୌରହିତ୍ୟରେ ପାଠାଗାର କକ୍ଷରେ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ଉତ୍ସବ ସହିତ +୩ ଶେଷବର୍ଷ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ.ସ୍ୱପ୍ନା ମଲ୍ଲିକ ଏହି ସଭାକୁ




ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜୀବନର ଲକ୍ଷ୍ୟ ହାସଲ ପାଇଁ କର୍ମନିପୁଣତା ଏବଂ ଅଧ୍ୟବସାୟ ନିହାତି ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଶାସନିକ ଅଧିକାରୀ ଡ. ଅନୁପ କୁମାର ମହାନ୍ତି, ବିଭାଗୀୟ ଅଧ୍ୟାପିକା ଶ୍ରୀମତୀ ଶାନ୍ତିଲତା ସାହୁ ଓ ଅଧ୍ୟାପକ ଦୀପସୁନ୍ଦର ବେହେରା ମହାପୁରୁଷମାନଙ୍କ ଜୀବନରୁ ଶିକ୍ଷାଲାଭ କରି ସଫଳତା ଅର୍ଜନ କରିବା ପାଇଁ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ବାଳକୃଷ୍ଣ ଚୌଧୁରୀ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିବା ସଙ୍ଗେସଙ୍ଗେ ତାଙ୍କୁ ଓଡ଼ିଶା ରାଜନୀତି ବିଜ୍ଞାନର ଜନକ ବୋଲି ଅଭିହିତ କରିଥିଲେ । ଉକ୍ତ ସଭାରେ ୨୦୨୪-୨୦୨୫ ଶିକ୍ଷାବର୍ଷର ରାଜନୀତି ବିଜ୍ଞାନ ସମ୍ମାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ସତ୍ୟସନ୍ଧାନ ପରିଡ଼ା, ମୁସ୍କାନ ଖାନମ୍ ଏବଂ ଲକ୍ଷ୍ମୀ କୁମାରୀ ଖାଟିକ୍‌ଙ୍କୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଯୁବକଙ୍କୁ ଛୁରା ମାଡ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଯୁବକଙ୍କୁ ଛୁରା ମାଡ କରିବା ଅଭିଯୋଗରେ ଖଣ୍ଡଗିରି ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କାଳିଆ ବେହେରା ଓରଫ କାଲୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ତା ୧୯.୦୪.୨୦୧୯ ସନ୍ଧ୍ୟା ପ୍ରାୟ ୭:୦୦ ଟା ସମୟରେ ପୀଡିତ ଡି. କିଷାନ ତାଳବଣିଆରେ ଏକ ଭୋଜିରେ ଯୋଗଦେବାକୁ ଯାଇଥିବା ବେଳେ, ସେଠାରେ କିଛି ବ୍ୟକ୍ତିଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା । ଏହି ଝଗଡ଼ା ସମୟରେ ଅଭିଯୁକ୍ତ କାଳିଆ ବେହେରା ଓରଫ କାଲୁ ପୀଡିତଙ୍କୁ ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲେ, ଯାହାଫଳରେ ସେ ଗୁରୁତର ଆହତ ହୋଇଥିଲେ । ପରେ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତଲାଗିଥିବା ସାର୍ଟ ଏବଂ ଏକ ଭଙ୍ଗା ଛୁରୀ ସମେତ ପ୍ରାସଙ୍ଗିକ ସାମଗ୍ରୀ ଜବତ କରାଯାଇଥିଲା ।

# ଅବକାରୀ ଚଢାଉ: ଦେଶୀମଦ ସହ ପୋଚ ନଷ୍ଟ, ୬ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ଼, ଗରପଡ଼ା, ପାଇକ ସାହି), ପଣସପାଟଣା ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଚୌଦ୍ୱାର ଅବକାରୀ ବିଭାଗ ଏବଂ ଜିଲ୍ଲା ମୋବାଇଲ ୟୁନିଟ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢାଉରେ ସର୍ବମୋଟ ୩୭୮୦ ଲିଟର ଦେଶୀମଦ ସହ ୨୫୬୫୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏହି ପରିପ୍ରେକ୍ଷୀରେ ୬ଟି ମାମଲା ରୁଜୁ କରାଯାଇଛି । ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିବାବେଳେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ବାପି ସାହୁ, କଟକ ଜିଲ୍ଲା ମୋବାଇଲ ୟୁନିଟର ଏସଆଇ ଅକ୍ଷୟ କୁମାର ଜେନା, ଚୌଦ୍ୱାର ଅବକାରୀ ବିଭାଗ ସମେତ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ ।

# ଫତେଗଡ଼ ଥାନା ପୀଡିତାଙ୍କ ବୟାନ ରେକର୍ଡ

ଭାପୁର(ନିପ୍ର): ବହୁ ଚର୍ଚ୍ଚିତ ଖଣ୍ଡପଡା ଏସ.ଡି.ପି.ଓ. ମଦନ ମୋହନ ପ୍ରଧାନଙ୍କ ନାମରେ ଫତେଗଡ଼ ଥାନାରେ ମାମଲା ରୁଜୁ ହେବା ପରେ ବୁଧବାର ଭାପୁର ବିଚାର ବିଭାଗୀୟ କୋର୍ଟ ଏବଂ ଥାନାରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ଏହି ବୟାନ ରେକର୍ଡ ସମୟରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଜଣେ ମହିଳା ଇନ୍ସପେକ୍ଟର, ବରିଷ୍ଠ ଆଇନଜୀବୀ, ଫତେଗଡ଼ ଥାନା ଅଧିକାରୀ ଏବଂ ଭାପୁର ଆଉଟ ପୋଷ୍ଟ ଅଧିକାରୀ ଓ ପୀଡିତାଙ୍କ ସ୍ୱାମୀ ଉପସ୍ଥିତ ରହି ପୀଡିତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ଘଟଣାବଳୀ ବୟାନ ରେକର୍ଡ କରିଥିଲେ ।

# ମେଳଣ ଶୋଭାଯାତ୍ରାରେ ଆତସବାଜି, ବୋମା ଗୁଜବକୁ ନେଇ କମିଟିର ତୀବ୍ର ପ୍ରତିକ୍ରିୟା, କାର୍ଯ୍ୟାନୁଷ୍ଠାନ ଦାବି


ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ମାଳସାହି ଗ୍ରାମରେ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ମେଳଣ ଅନୁଷ୍ଠିତ ହେଉଛି । ଗ୍ରାମାଞ୍ଚଳ ମାନଙ୍କରେ ମେଳଣ ଶୋଭାଯାତ୍ରାରେ ପରମ୍ପରା ଅନୁସାରେ ଆତସବାଜି କାର୍ଯ୍ୟକ୍ରମ ହେଉଥିବା ବେଳେ ମଙ୍ଗଳବାର ମେଳଣରେ କିଛି ଆତସବାଜି କମିଟି ପକ୍ଷରୁ ଫୁଟା ଯାଇଥିଲା । ଏହି ଆତସବାଜି ଫୁଟା ଯିବାକୁ କେତେକ ଲୋକେ ମେଳଣରେ ବୋମା ମାଡ଼ ହେବା ନେଇ ପ୍ରଚାର କରିଥିଲେ । ଯାହାକୁ ନେଇ ବୁଧବାର ମେଳଣ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପରେ ଅପପ୍ରଚାର କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମେଳଣ କମିଟି ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରଯାଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମେଳଣ କମିଟି ଓ ଗ୍ରାମବାସୀଙ୍କୁ ପଚରା ଉଚରା କରିଥଲେ । ତେବେ ବୋମା ଫୁଟିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ ଗ୍ରମରେ ବିଦ୍ୱେଶ ଭାବ ସୃଷ୍ଟି ପାଇଁ କିଛି ଗୋଷ୍ଠୀଙ୍କର ଏହା ଏକ ଚକ୍ରାନ୍ତ ବୋଲି ସେମାନେ ପୋଲିସ ଆଗରେ ବୟାନ ଦେଇଥିଲେ । ଘଟଣା ସମ୍ପର୍କରେ ଥାନା ଆଇଆଇସି ଶ୍ରୀମତୀ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ମଧ୍ୟ ଏଭଳି କୌଣସି ପ୍ରାମାଣିକ ତଥ୍ୟ ପୋଲିସ ପ୍ରାଥମିକ ଓ ପାରିପାର୍ଶ୍ୱିକ ତଦନ୍ତରୁ ମିଳିନଥିବା କହିଛନ୍ତି । ଯଦି ପୁଲିସ ତଦନ୍ତ ସମୟରେ ଏଭଳି କୌଣସି ତଥ୍ୟ ପ୍ରମାଣ ମିଳେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ସବୁଜ ସାଥୀ ସାମ୍ମୁଖ୍ୟର କୃଷକ ସମ୍ବର୍ଦ୍ଧନା ଉତ୍ସବ



ଭଦ୍ରକ(ନିପ୍ର): ଭଦ୍ରକ ପ୍ରମୁଖ ସାମାଜିକ ଅନୁଷ୍ଠାନ ସବୁଜସାଥୀ ସାମ୍ମୁଖ୍ୟ ରାଜ୍ୟର କୃଷି କୃଷିଭିତ୍ତିକ ଗଣପର୍ବ ଅକ୍ଷୟ ତୃତୀୟା ପାଳନ ଅବସରରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ‘ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା’ ସମ୍ପର୍କିତ ଏକ ଆଲୋଚନାଚକ୍ର ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଡଃ ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ସଂଗ୍ରାମ ଆର୍ଯ୍ୟ ଯୋଗଦେଇ ଆମ ଭାରତୀୟ ସଂସ୍କୃତି ସହିତ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଉତ୍ସବରେ ସାମ୍ମୁଖ୍ୟର ସଭାପତି ରମେଶ ଚନ୍ଦ୍ର ରାୟ ଅଧକ୍ଷତା କରିଥିବାବେଳେ ସଂପାଦକ ଦିଲ୍ଲୀପ କୁମାର ଖୁଣ୍ଟିଆ ସାମ୍ମୁଖ୍ୟର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ।

# ନିରାକାରପୁରରେ ମାଙ୍କଡ଼ର ‘ଆତଙ୍କରାଜ’: ଗର୍ଭବତୀ ମହିଳା ଶିକାର



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ଉତ୍ପାତ ଅଣାୟତ୍ତ ହେବାରେ ଲାଗିଛି । ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇ ଦୁଇ ଜଣଙ୍କୁ ରକ୍ତାକ୍ତ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ବନ ବିଭାଗର ନିଷ୍କ୍ରିୟତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତକାଲି ବୃଦ୍ଧଙ୍କୁ ଆକ୍ରମଣ, ଆଜି ଗର୍ଭବତୀ ମହିଳା ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ମଙ୍ଗଳବାର ନିରାକାରପୁର ମଞ୍ଜାରିଆପାଟଣା ଗ୍ରାମର ଧ୍ୱଜ ବାରିକ (୬୫) ନିଜ ଘରୁ ବାହାରକୁ ଆସୁଥିବା ସମୟରେ ଏକ ମାଙ୍କଡ଼ ତାଙ୍କୁ ଅତର୍କିତ ଭାବେ କାମୁଡି ଦେଇଥିଲା । ସେହିପରି ବୁଧବାର ଅପରାହ୍ନରେ ସେହି ସମାନ ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ନିଜ ବାପ ଘରକୁ ଆସିଥିବା ଗର୍ଭବତୀ ମହିଳା ମୋନାଲିସା ଭୋଇ (୨୫) ଗାଁ ଦାଣ୍ଡରେ ଯାଉଥିବା ସମୟରେ ଏକ ହନୁ ମାଙ୍କଡ଼ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ମାଙ୍କଡ଼ଟି ତାଙ୍କ ଆଣ୍ଠୁକୁ କାମୁଡ଼ି କ୍ଷତାକ୍ତ କରିଦେଇଥିବାରୁ ସେ ଗୁରୁତର ହୋଇପଡିଛନ୍ତି । ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ଼ ଆକ୍ରମଣରେ ପ୍ରାୟ ୪୦ରୁ ଅଧିକ ଲୋକ ଶିକାର ହୋଇ ସାରିଲେଣି । କିନ୍ତୁ ବିସ୍ମୟର ବିଷୟ ହେଉଛି, ବାରମ୍ବାର ଦାବି ସତ୍ତ୍ୱେ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ । ମାଙ୍କଡ଼ମାନେ ଏବେ ବାଡ଼ି-ବଗିଚା ଛାଡ଼ି ଘର ଭିତରେ ଓ ଗାଁ ଦାଣ୍ଡରେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛନ୍ତି । ଯଦି ତୁରନ୍ତ ଉତ୍ପାତ କରୁଥିବା ମାଙ୍କଡ଼ଙ୍କୁ ଧରାନଯାଏ କିମ୍ବା ସୁରକ୍ଷା ବ୍ୟବସ୍ଥା ନକରାଯାଏ, ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏବେ ପ୍ରଶ୍ନ ଉଠୁଛି, ଆଉ କେତେ ଜଣ ରକ୍ତାକ୍ତ ହେବା ପରେ ବନ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ? କେବେ ନିର୍ଭୟରେ ଗାଁ ଦାଣ୍ଡରେ ଚାଲିବେ ନିରାକାରପୁରବାସୀ?

# ଏସ୍‌ସିବି ମେଡ଼ିକାଲ ବିଲ୍ଡିଂରୁ ଖସିଲା ସିଲିଂ: ଅଳ୍ପକେ ବର୍ତ୍ତିଲେ ରୋଗୀ

କଟକ(ନିପ୍ର): ଏସସିବି ମେଡ଼ିକାଲ ବିଲ୍ଡିଂରୁ ସିଲିଂ ଖସିଲା । ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇନାହିଁ । ଏସସିବି ମେଡ଼ିକାଲ ହେମାଟୋଲୋଜି ବିଭାଗ ରୋଗୀଙ୍କ ପାଇଖାନାରେ ଏହି ଘଟଣା ବୁଧବାର ଘଟିଛି । ତେବେ ପୂର୍ତ୍ତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ବୋଲି ଅଭିଯୋଗ ହେଉଛି । ଅଧିକାରୀମାନେ କେବଳ ନୂଆ ଘର ଚିନ୍ତାରେ ଅଛନ୍ତି, ହେଲେ ପୁରୁଣା ଘରଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉନଥିବା ଅଭିଯୋଗ ହୋଇଛି । ପୁରୁଣା ଘରର ଦୂରାବସ୍ଥା ଯୋଗୁଁ ସିଲିଂ ଖସି ପଡ଼ିଛି । ଏହି ଘଟଣା ଜଣା ନ ପଡ଼ିବା ଲାଗି, ଉକ୍ତ ସ୍ଥାନକୁ କପଡ଼ାରେ ଘେରାଇ ଦିଆଯାଇଛି । ଯଦିଓ ଏହି ଘଟଣାରେ କାହାରି କିଛି ହୋଇନାହିଁ, କିନ୍ତୁ ରୋଗୀ ବାଥରୁମରେ ଥିଲେ, ହୁଏତ ବଡ଼ ଅଘଟଣ ଘଟିଥାନ୍ତା । ସୂଚନାଯୋଗ୍ୟ, ନିକଟରେ ପୁରୁଣା ମେଡ଼ିସିନ ୱାର୍ଡ଼ରୁ ଆଗରୁ ଛାତରୁ କଂକ୍ରିଟ ଅତଡ଼ା ଖସିଥିଲା । ଏହାଛଡ଼ା ରୋଗୀ ଷ୍ଟ୍ରେଚରରୁ ଖସି ପଡ଼ିବା ଭଳି ଅଘଟଣ ମଧ୍ୟ ଏସସିବିରେ ଘଟି ସାରିଛି । ବାରମ୍ବାର କଟକ ବଡ଼ ମେଡ଼ିକାଲରେ ଏଭଳି ବିଭିନ୍ନ ଅଘଟଣ ଘଟୁଛି । ଯାହାକି ରୋଗୀଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# କୋଷ୍ଟାଲ ମାରାଥନ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ: ଉପମୁଖ୍ୟମନ୍ତ୍ରୀ

## କୋଷ୍ଟାଲ ମାରାଥନ ବିଜେତାଙ୍କୁ ଏକ କୋଟିର ପୁରସ୍କାର ରାଶି




ପୁରୀ(ନିପ୍ର): କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ । ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବାକୁ ଯାଉଛି । ମାରାଥନର ବିଜେତାଙ୍କୁ ଏକ କୋଟି ର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା । ଓଡିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମସି ସହଯୋଗରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଚେତନତା ଉଦ୍ଦେଶ୍ୟରେ ବୁଧବାର ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗ ଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦଘାଟନ କରିଥିଲେ । ପରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ପୁରୀ ବ୍ଲୁ ଫ୍ଲାଗ ବିଚଠାରେ ପତାକା ଦେଖାଇ ମାରାଥନ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ । ମାରାଥନରେ ଅଂଶଗ୍ରହଣକାରୀ ମାନେ ପହଞ୍ଚିବା ପରେ ତାଜ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ ଲାଇନ ‘ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା’କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡିଶା ପର୍ଯ୍ୟଟନ ବିଭାଗ ଓଏମସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟରେ ପର୍ଯ୍ୟଟନ ଆମ ଜୀବନ ରେଖା । ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକମାନେ ଆସିଥାନ୍ତି । ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡିବ ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡିଶାରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ । ପର୍ଯ୍ୟଟନ ବିଭାଗର ପୂର୍ବାପେକ୍ଷା ବଜେଟକୁ ବୃଦ୍ଧି କରି ହଜାରେ କୋଟିରେ ପହଞ୍ଚାଯାଇଛି । ପର୍ଯ୍ୟଟନକୁ ଆଉ ସିକ୍ରେଟ ଭାବେ ନ ରଖି ସାର୍ବଜନୀନ କରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିଭିନ୍ନ ସ୍ଥାନରେ ଏହିଭଳି ଡମି ମାରାଥନ ମାଧ୍ୟମରେ ସଚେତନ ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡିଶାରେ ପର୍ଯ୍ୟଟନର ବିପୁଳ ଭଣ୍ଡାର ରହିଥିବା ବେଳେ ଏହାର ବିକାଶ ଓ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ । ଏହା ଦ୍ୱାରା ଆର୍ଥିକ ଅଗ୍ରଗତି ଘଟିବା ସହ ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ଅର୍ଥନୀତି କୁ ପ୍ରୋତ୍ସାହନ ମିଳିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଡିଏଫଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ କ୍ରୀଡାବିତ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

## ଗ୍ରୀଷ୍ମପ୍ରବାହ ପାଇଁ ୨୫ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି

ଜୟପୁର, ୨୨/୪(ନିପ୍ର): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଆଜି ଜିଲ୍ଲାର ସମସ୍ତ ଘରୋଇ ଓ ସରକାରୀ ସ୍କୁଲ, କଲେଜକୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ୨୩ ଏପ୍ରିଲରୁ ୨୫ ଏପ୍ରିଲ ପର୍ଯ୍ୟନ୍ତ ଭାରତ ପାଣିପାଗ ବିଭାଗ ସତର୍କ ସୂଚନା ମୁତାବକ ଛୁଟି ଘୋଷଣା କରିଛନ୍ତି । ଶିଶୁ ବାଟିକା ଠାରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ଏହି ସମୟ ଭିତରେ ସ୍କୁଲ କଲେଜ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଅନୁଷ୍ଠାନରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ରହିଛି ।

## ବଲାଙ୍ଗୀରରେ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ବଲାଙ୍ଗିର, ୨୨/୪(ନିପ୍ର): ବଲାଙ୍ଗୀର ଜିଲ୍ଲାରେ ଚାଲୁଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଓ ଭୁବନେଶ୍ୱର ଆଇଏମଡିଙ୍କ ଚେତାବନୀକୁ ଦୃଷ୍ଟିରେ ରଖି, ଛାତ୍ରଛାତ୍ରୀ ଓ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ୨୨ ଏପ୍ରିଲ ୨୦୨୬ ରୁ ୨୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ସଂସ୍ଥାନ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛି । ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ, ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ଏବଂ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜ ୨୨ ରୁ ୨୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ/ଅଧ୍ୟାପକମାନେ ସଂସ୍ଥାନରେ ଉପସ୍ଥିତ ରହି ଅନଲାଇନ୍ କ୍ଲାସ ନେବେ।

## ଭିଜିଲାନ୍ସ ଜାଲରେ ସେକ୍ସନ ଅଫିସର

ଝାରସୁଗୁଡ଼ା, ୨୨/୪(ନିପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି ଏକ ବଡ଼ ଧରଣର ଭିଜିଲାନ୍ସ ଚଢ଼ାଉ କରାଯାଇଛି।ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ଅନିତ କୁମାର ଗୁରୁଙ୍କୁ ୨,୫୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜି ଏନ ଏମ୍ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପି ଏଚ୍ ସି ଏବଂ ସି ଏଚ୍ ସି ରେ ପ୍ରାକ୍ଟିକାଲ ଟ୍ରେନିଂ ପାଇଁ ଅନୁମତି ଦେବା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଥିଲା। ଏହି କାର୍ଯ୍ୟ ପାଇଁ ଶ୍ରୀ ଗୁରୁ ଜଣେ ନର୍ସିଂ ସ୍କୁଲ ଶିକ୍ଷକଙ୍କୁ ଦୀର୍ଘ ଦିନ ଧରି ହଇରାଣ କରିବା ସହ ୨,୫୦୦ ଟଙ୍କା ଲାଞ୍ଚ ଦାବି କରିଆସୁଥିଲେ।

## ଦନ୍ତା ଆକ୍ରମଣରେ ୩ ମୃତ

ସମ୍ବଲପୁର, ୨୨/୪(ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଚଡ଼ଚଡ଼ି ବିଟ ର ଚଡ଼ଚଡ଼ି ଗାଁରେ ଅଘଟଣ। ଆଜି ସକାଳୁ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ଚଡ଼ଚଡ଼ି ଗାଁର ଉପାସି ବେହେରା (୫୯) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳୁ ସକାଳୁ ଉପାସି ଘର ପଛ ପାଖ ରେ ଥିବା ନିଜ କାଜୁ ବଗିଚା ରାସ୍ତା ଦେଇ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଏତିକିବେଳେ ଏକ ଦନ୍ତା



ହାତୀ ତାଙ୍କୁ ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗ୍ରାମବାସୀ ଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଖବର ପାଇ ନାକଟିଦେଉଳ ପୁଲିସ୍ ଏବଂ ବନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ସେହିପରି ମା' ଏବଂ ତାଙ୍କର ପୁଅଙ୍କୁ ଆକ୍ରମଣ କରିଛି। ହାତୀ ଆକ୍ରମଣରେ ମହିଳା ଏବଂ ତାଙ୍କର ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆଜି ଭୋର ସମୟରେ ଦେବଭୂଇଁ ପଞ୍ଚାୟତ ନୂଆଗାଁ ଗ୍ରାମର ବଂଶୀଧର ନାଏକଙ୍କ ପତ୍ନୀ ସସ୍ମିତା ନାଏକ ଓ ପୁଅ ପ୍ରିୟାଂଶୁ ନାଏକ ଘର ନିକଟକୁ ଶୌଚ ପାଇଁ ଯାଇଥିଲେ। ରାସ୍ତାକଡ଼ରେ ଦନ୍ତାକୁ ସେମାନେ ଦେଖିପାରି ନଥିଲେ। ଦନ୍ତା ହାତୀ ଅତର୍କିତ ଭାବେ ମା-ପୁଅଙ୍କୁ ଆକ୍ରମଣ କରିଥିଲା।

## ବ୍ରହ୍ମପୁର ରେଳ ଷ୍ଟେସନର ହେବ ଆଧୁନିକୀକରଣ

ଭୁବନେଶ୍ୱର, ୨୨/୪(ପିଆଇବି): ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଯେଉଁଠାରେ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫,୦୦୦ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି, ତାହାର ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ ୩୦୦ କୋଟିର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି, ଯାହା





ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ସହରର ଯୋଗାଯୋଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ। ଷ୍ଟେସନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ। ଷ୍ଟେସନରେ ୩ଟି ଅତିରିକ୍ତ ରେଳ ଲାଇନ ଏବଂ ୪ଟି ନୂଆ ପ୍ଲାଟଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ। ଏହା ସହିତ ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ଏକ ନୂତନ ଷ୍ଟେସନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ। ସେବା ଭବନ ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି। ଏହି ଯୋଜନାରେ ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେସନର ଉଭୟ ପାର୍ଶ୍ୱ ଏବଂ ସମସ୍ତ ପ୍ଲାଟଫର୍ମକୁ ସହଜରେ ଯୋଡ଼ିବ। ପାରମ୍ପରିକ ବ୍ୟବସ୍ଥା ବଦଳରେ ଏକ ଏଲିଭେଟେଡ୍ ଷ୍ଟ୍ରକଚର ନିର୍ମାଣ କରାଯିବ। ଏହା ସହିତ ବର୍ତ୍ତମାନର ଫୁଟ୍ ଓଭର ବ୍ରିଜ୍ ସମ୍ପ୍ରସାରଣ କରାଯାଇ ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ।

### ■ ମାଲକାନଗିରିରେ ପର୍ବତାରୋହୀ ସମୀରା ଖାନ୍

## ଏଚପିଭି ଟିକାକରଣ ଓ ମହିଳା ସଶକ୍ତିକରଣ ପାଇଁ ବାର୍ତ୍ତା

ମାଲକାନଗିରି, ୨୨/୪(ନିପ୍ର): ଜିଲ୍ଲାର କିଶୋରୀ ବାଳିକା ଓ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ବିଶିଷ୍ଟ ପର୍ବତାରୋହୀ ତଥା ସମାଜସେବୀ ସମୀରା ଖାନ୍। ଆଜି ପୂର୍ବାହ୍ନରେ ସେ ମାଲକାନଗିରି ଜିଲ୍ଲାର ଚାଲାଣଗୁଡା ଓ ସିନ୍ଧ୍ରିମାଲ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ବାଳିକାମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କରେ ଉଦବୋଧନ ଦେଇଥିଲେ। ବିଶେଷ କରି ସର୍ଭାଇକାଲ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଏଚପିଭି ଟୀକା ର ଆବଶ୍ୟକତା ଏବଂ ଲିଙ୍ଗ ଭିତ୍ତିକ ଭେଦଭାବ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସେ ଯୋଗ




ଦେଇଥିଲେ। ସମୀରା ଖାନ୍ ନିଜ ବକ୍ତବ୍ୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମାଜର ପ୍ରକୃତ ସ୍ୱାସ୍ଥ୍ୟ ଯୋଦ୍ଧା ଭାବେ ବର୍ଣ୍ଣନା କରି ସେମାନଙ୍କ ନିଷ୍ଠାପର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଯେମିତି ପାହାଡ଼ ଚଢ଼ିବା ପାଇଁ ସାହସ ଦରକାର, ନିଜ ଜୀବନକୁ ସୁରକ୍ଷିତ ରଖିବା ପାଇଁ ସେମିତି ସଚେତନତା ଜରୁରୀ। ଏଚପିଭି ଟୀକା ହେଉଛି ଆମ ଝିଅମାନଙ୍କ ପାଇଁ ଏକ ସୁରକ୍ଷା କବଚ, ଯାହା ସେମାନଙ୍କୁ ଭବିଷ୍ୟତରେ କର୍କଟ ରୋଗରୁ ରକ୍ଷା କରିବ। ଆମର ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରଚେଷ୍ଟା ଯୋଗୁଁ ହିଁ ଏହି ସୂଚନା ପ୍ରତିଟି ଘରେ ପହଞ୍ଚି ପାରୁଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଡୋଳାମଣି ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଏମଏମ ଆବିଦ ହୁସେନ୍, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡ଼ା ମୌସୁମୀ ମିଶ୍ର ଉପସ୍ଥିତ ରହି ଏହି ଟିକାକରଣ ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ସମୀରା ଖାନ୍ ଜଣେ ଜଣାଶୁଣା ପର୍ବତାରୋହୀ ଯିଏ ୩୭ଟି ଦେଶ ଭ୍ରମଣ କରିବା ସହ ୧୧ଟି ପ୍ରମୁଖ ପର୍ବତ ଶୃଙ୍ଗ ଆରୋହଣ କରି ମହିଳା ସଶକ୍ତିକରଣର ବାର୍ତ୍ତା ପ୍ରସାର କରୁଛନ୍ତି।

## ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ

ଭୁବନେଶ୍ୱର,୨୨।୪(ନିପ୍ର): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଓଡ଼ିଶାର ସାଂସଦବୃନ୍ଦ, ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ବିଧାୟିକା/ବିଧାୟକବୃନ୍ଦ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ପ୍ରକାଶ ଥାଉକି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଏବଂ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ଜନପ୍ରତିନିଧିଗଣ ଏବଂ ସାଧାରଣ ନାଗରିକମାନଙ୍କ ଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଛି । ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିସ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି । ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କର ମତାମତ ତଥା ସୁଚିନ୍ତିତ ପରାମର୍ଶ ଏପ୍ରିଲ୍ ୨୨ ତାରିଖଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର - ୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ସରକାର ଓଡିଶାର ୨୩ ଟି ଜିଲ୍ଲାର ୫୮ ଟି ସ୍ଥାନର ଇଂରାଜୀ ବନାନରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି। ଏହା ୧୩ ଟି ଜିଲ୍ଲା କିମ୍ବା ଜିଲ୍ଲା ମୁଖ୍ୟାଳୟର ଇଂରାଜୀ ବନାନ ପରିବର୍ତ୍ତନ କରିବାକୁ ଯୋଜନା କରିଛି।

## ନାଗରିକ କୈନ୍ଦ୍ରିକ ଶାସନ ଓ ଜନସେବା ପ୍ରତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସଂକଳ୍ପ

**ଭୁବନେଶ୍ୱର, ୨୨/୪(ନିପ୍ର):** ସାଧାରଣ ସେବା ଦିବସ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନାଗରିକ କୈନ୍ଦ୍ରିକ ଶାସନ ଏବଂ ଉତ୍ତରଦାୟୀ ଜନସେବା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଯାଇଛି। ଖାରବେଳ ଭବନ ସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍କୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା



ଏବଂ ସେବା ପ୍ରଦାନରେ ଦକ୍ଷତା ବୃଦ୍ଧି ପାଇଁ ପ୍ରମୁଖ ନୀତି ଓ ସଂସ୍କାର କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନିକ ପ୍ରକ୍ରିୟାକୁ ସରଳୀକରଣ କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ଜନସାଧାରଣଙ୍କ ଆବଶ୍ୟକତାକୁ ତ୍ୱରିତ ଭାବେ ପୂରଣ କରିବା ପାଇଁ ଅନୁଷ୍ଠାନିକ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପାଢୀ କହିଥିଲେ, "ସାଧାରଣ ସେବା ଦିବସ ହେଉଛି ସାଧୁତା, ସହାନୁଭୂତି ଏବଂ ଉତ୍ତରଦାୟିତ୍ୱ ସହ ଜନସେବା କରିବାର ସଂକଳ୍ପକୁ ନବୀକରଣ କରିବାର ଏକ ଅବସର। ଆମର ସଂସ୍କାର କାର୍ଯ୍ୟସୂଚୀ ପ୍ରଶାସନକୁ ଅଧିକ ସୁଗମ, ଦକ୍ଷ ଏବଂ ପ୍ରତିକ୍ରିୟାଶୀଳ କରିବା ସହିତ ନାଗରିକଙ୍କ ଜୀବନରେ ବାସ୍ତବିକ ପରିବର୍ତ୍ତନ ଆଣିବା ଆବଶ୍ୟକ।"

## ସନ୍ଦେହ ଘେରରେ 'ଓକାକ୍'ର ଭୂମିକା: ଟେଣ୍ଡରରେ ଦୁର୍ନୀତି ଅଭିଯୋଗ

**ଭୁବନେଶ୍ୱର, ୨୨/୪(ନିପ୍ର):** ଓଡ଼ିଶା କମ୍ପୁଟର ଆପ୍ଲିକେସନ(ଓକାକ୍) ଟେଣ୍ଡର ପ୍ରକ୍ରିୟାରେ ବଡ଼ ଦୁର୍ନୀତି ଅଭିଯୋଗ ହୋଇଛି । କଂଗ୍ରେସ ପକ୍ଷରୁ ଏନେଇ ଅଭିଯୋଗ ପରେ ବିଭାଗୀୟ ମନ୍ତ୍ରୀ ଟେଣ୍ଡର ପ୍ରକ୍ରିୟାର ସମୀକ୍ଷା କରିବା ସହ ଓକାକ ଦୁର୍ନୀତି ମୁକ୍ତ ହେବ ବୋଲି କହିଥିଲେ । କିନ୍ତୁ ଆଜି କଂଗ୍ରେସ ଓକାକର ୧୦୦୦ କୋଟିର ଟେଣ୍ଡର ବାତିଲ କରିବା ସହ ବିଭାଗୀୟ ସଚିବ ବିଶାଳ ଦେବଙ୍କୁ ଚାକିରିରୁ ହଟାଇବାକୁ ଦାବି କରିଛି । ସରକାରୀ ସୁବିଧା ଏବଂ ଟେକ୍ନୋଲୋଜି ମଧ୍ୟରେ ଥିବା ଦୂରତାକୁ କମ କରିବା ଉଦେଶ୍ୟରେ ଗଠନ ହୋଇଥିଲା ଓଡ଼ିଶା କମ୍ପୁଟର ଆପ୍ଲିକେସନ(ଓକାକ୍) । ଏହି ସ୍ୱୟଂଚାଳିତ ସରକାରୀ ସଂସ୍ଥା ବିରୋଧରେ ଆସିଛି ବଡ଼ ଅଭିଯୋଗ । ସ୍କୁଲ୍‌ରେ ଏଆଇ କ୍ଲାସ୍‌ରୁମ୍ ତିଆରି ପାଇଁ ହୋଇଥିବା ୧ ହଜାର କୋଟି ଟଙ୍କାର ଟେଣ୍ଡରରେ ଦୁର୍ନୀତି ଅଭିଯୋଗ ଆଣିଛି କଂଗ୍ରେସ । ଅଭିଯୋଗ ଅନୁସାରେ, ରାଜ୍ୟର ୫୩୭୦ ସ୍କୁଲ, ପୌରାଞ୍ଚଳ କାର୍ଯ୍ୟାଳୟ, ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଏଆଇ କ୍ଲାସ୍‌ରୁମ୍, ଭିଡିଓ କନ୍‌ଫରେନ୍ସିଂ ଭିତ୍ତିଭୂମି, କମ୍ପ୍ୟୁଟର ଲାବ୍ ପାଇଁ ଟେଣ୍ଡର ହୋଇଛି । କିନ୍ତୁ ହାଇଦ୍ରାବାଦର ଯେଉଁ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି ତାହା ବିରୋଧରେ ପୂର୍ବରୁ ଦୁର୍ନୀତି ଅଭିଯୋଗ ରହିଛି । ସେହି କମ୍ପାନୀକୁ କେମିତି ଓଡ଼ିଶାରେ ଟେଣ୍ଡର ଦିଆଗଲା ସେ ନେଇ ପ୍ରଶ୍ନ ଉଠାଇ କଂଗ୍ରେସ ବିକ୍ଷୋଭ କରିଥିଲା । ଆଜି ଏହି ଟେଣ୍ଡରକୁ ବାତିଲ କରିବା ସହ ଓକାକର ଅଧ୍ୟକ୍ଷଙ୍କୁ ପଦବୀରୁ ହଟାଇବାକୁ ଦାବି କରିଛି କଂଗ୍ରେସ । ଟେକ୍ନୋଲୋଜି କ୍ଷେତ୍ରରେ ସରକାରଙ୍କୁ ପରାମର୍ଶ, ସଫ୍ଟୱେୟାର୍ ବିକାଶ, ଡାଟା ଡିଜିଟାଇଜେସନ୍ ଏବଂ ସାଇବର ସୁରକ୍ଷା କାମ କରେ 'ଓକାକ୍' । ଓକାକ ବିରୋଧରେ କଂଗ୍ରେସର ସାଂଘାତିକ ଅଭିଯୋଗ ପରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଓକାକର ସମସ୍ତ କାର୍ଯ୍ୟର ସୀମକ୍ଷା କରାଯିବ । 'ଓକାକ୍' ଏକ ସ୍ୱୟଂଚାଳିତ ସରକାରୀ ସଂସ୍ଥା ହୋଇଥିବାରୁ ଏଥିରେ ସରକାରଙ୍କ ଭୂମିକା କମ୍ ଥାଏ । 'ଓକାକ୍'ର ଟେଣ୍ଡର ଆପ୍ରୁଭାଲ ତାଙ୍କ ପାଖକୁ ଆସେନାହିଁ, ଏହା 'ଓକାକ୍'ର ଅଧ୍ୟକ୍ଷଙ୍କ ପାଖକୁ ଆସେ ।

## ଦେଶୀ ମଦ ଜବତ, ୫ ଗିରଫ

ବୁଗୁଡା, ୨୨/୪(ନିପ୍ର): ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ବିଭିନ୍ନ ସ୍ଥାନରେ ବୁଗୁଡା ଓ ଭଞ୍ଜନଗର ଅବକାରୀ ବିଭାଗ ସହିତ ସ୍ଥାନୀୟ ପୋଲିସର ମିଳିତ ଚଢାଉରେ ବ୍ୟାପକ ପରିମାଣର ଦେଶୀମଦ ଜବତ ସାଙ୍ଗକୁ ୫ ଜଣଙ୍କୁ ଗିରଫ ହୋଇଥିବା ଜଣାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଗୋଲିଆ ଗ୍ରାମର ସିଲୁ ବେହେରା (୨୪), ବିରୁପାକ୍ଷ ପ୍ରଧାନ (୨୬) , ସଞ୍ଜୁ ପ୍ରଧାନ (୫୫) , ଟୁଲୁ (୩୬) , ବିଭୁ ପ୍ରସାଦ ଗୌଡ (୨୮)। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡା ଅବକାରୀ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ସେନାପତି, ଭଞ୍ଜନଗର ଅବକାରୀ ଇନିସପେକ୍ଟର ପ୍ରଦୀପ କୁମାର ମହାନ୍ତି ଓ ବୁଗୁଡା ଥାନା ଏଏସଆଇ ସୁମନ୍ତ କୁମାର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ତିନୋଟି ଟିମ ମିଳିତ ଭାବେ ଗୋଲିଆ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ, ୨୨/୪(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ବାଛରା ଗ୍ରାମର ସିଦ୍ଧାର୍ଥ ବେହେରା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ମୁତାବକ ଦୁଇ ସପ୍ତାହ ତଳେ ରାଜାବଜାର ଅଞ୍ଚଳରେ ମା ଭଗବତୀଙ୍କ ପୂଜାର ଭସାଣି ସମୟରେ ସେହି ଅଞ୍ଚଳର କିଛି ଅସାମାଜିକ ଗୋଷ୍ଠୀଙ୍କ ସହିତ କୌଣସି କାରଣରୁ ସିଦ୍ଧାର୍ଥଙ୍କ ବଚସା ହୋଇଥିଲା । ତେବେ ବୁଧବାର ସେ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଦେଇ ଯାଉଥିବା ବେଳେ ସେହି ଗୋଷ୍ଠିର କିଛି ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ଡାହାଣ ହାତର ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପରେ ସେଠାରୁ ଏମ୍ସ ସ୍ଥାନାନ୍ତର କରିଥିଲେ ।

## ଟ୍ରାଫିକ୍ ନିୟମ ଉଲଂଘନକାରୀଙ୍କୁ ୬ମାସ ଜେଲ

ଭୁବନେଶ୍ୱର, ୨୨/୪(ନିପ୍ର): ଚନ୍ଦ୍ରଶେଖରପୁର ଥାନାରେ ରୁଜୁ ହୋଇଥିବା ମଦ୍ୟପାନ କରି ଅବହେଳା ଏବଂ ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ଟ୍ରାଫିକ୍ ନିୟମ ଉଲଂଘନ ମାମଲାର ବିଚାର କରି ଆସାମୀ ସ୍ମାରକୀ ରଞ୍ଜନ ପାତ୍ରକୁ ୬ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାକ୍ରମେ: ଗତ ତା ୨୯.୧୨.୨୦୨୩ ରାତି ପ୍ରାୟ ୧୧:୩୦ ସମୟରେ, ଡମଣା ଛକ ନିକଟରେ ଏମଭି ଆକ୍ଟ ଅନୁଯାୟୀ ଯାନବାହାନ ଯାଞ୍ଚ ଚାଲିଥିବା ବେଳେ, ଓଡି-୦୨-ଏଏନ-୯୦୩୮ ନମ୍ବରଯୁକ୍ତ ଧଳା ହୋଣ୍ଡା ସିଟି କାରଟି ଅତ୍ୟଧିକ ଦ୍ରୁତଗତିରେ ଏବଂ ଅବହେଳାପୂର୍ଣ୍ଣ ଭାବରେ ଡମଣା ଛକ ଦିଗକୁ ଆସୁଥିଲା। କାର୍ଯ୍ୟରତ ପୁଲିସ ଏସଆଇ ସିଦ୍ଧାର୍ଥ ରଞ୍ଜନ ଜାଲି କାରଟିକୁ ଅଟକାଇ ଯାଞ୍ଚ କରିବା ସମୟରେ ଡ୍ରାଇଭର ମଦ୍ୟପାନ କରିଥିବା ଏବଂ ଯାନ ଉପରେ ସଠିକ୍ ନିୟନ୍ତ୍ରଣ ରଖିପାରୁନଥିବା ଜଣାପଡ଼ିଥିଲା। ଶ୍ୱାସ ବିଶ୍ଳେଷକ ପରୀକ୍ଷାରେ ୭୨ ମି.ଗ୍ରା./୧୦୦ ମି.ଲି. ଆଲକୋହଲ୍ ଥିବା ସ୍ପଷ୍ଟ ହୋଇଥିଲା। ପରେ ଡ୍ରାଇଭରଙ୍କ ପରିଚୟ କନ୍ଧମାଳ ଜିଲ୍ଲାର ସ୍ମାରକୀ ରଞ୍ଜନ ପାତ୍ର (୨୯) ବୋଲି ନିଶ୍ଚିତ ହୋଇଥିଲା।

## ଚୋରକୁ ୧୦ ମାସ ଜେଲଦଣ୍ଡାଦେଶ

**ଭୁବନେଶ୍ୱର, ୨୨/୪(ନିପ୍ର):** ଭୁବନେଶ୍ୱର, ନୟାପଲ୍ଲୀ ଥାନାରେ ରୁଜୁ ହୋଇଥିବା ଏକ ଚୋରି ମାମଲାର ବିଚାର କରି ଆସାମୀ ତୋଫାନ ଦାସଙ୍କୁ ୧୦ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାକ୍ରମେ: ଅଭିଯୋଗକାରୀ ରୁଦ୍ର କୁମାର ଲେଙ୍କା ବେହେରା ସାହିରେ ରୁହନ୍ତି । ତା ୦୨.୦୨.୨୦୨୬ ବିଳମ୍ବିତ ରାତିରେ ସେ ଘରେ ନିଦରେ ଶୋଇଥିବା ବେଳେ, ଅଭିଯୁକ୍ତ ତୋଫାନ ଦାସ ଏହାର ସୁଯୋଗ ନେଇ କୌଶଳପୂର୍ବକ ଘରଭିତରକୁ ପ୍ରବେଶ କରି ତାଙ୍କ ମୋବାଇଲ ଫୋନ ଚୋରି କରି ନେଇଥିଲେ। ପରବର୍ତ୍ତୀ ଦିନ ଭୋର ପ୍ରାୟ ୬.୪୦ ସମୟରେ ଅଭିଯୋଗକାରୀ ଉଠିବା ପରେ ବେଡ୍ ପାଖରେ ରଖିଥିବା ମୋବାଇଲ ଫୋନ ଦେଖିବାକୁ ପାଇନଥିଲେ। ଘରୁ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବା ପରେ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ନୟାପଲ୍ଲୀ ଥାନା କେସ ନଂ- ୮୧/୨୦୨୬ ରେ ମାମଲା ରୁଜୁ ହୋଇଥିଲା ଏବଂ ସବ୍-ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଏହାର ତଦନ୍ତ କରିଥିଲେ।

### ■ ରାଜ୍ୟରେ ୯.୮ ଲକ୍ଷ ଭୋଟର ବାଦ୍ ପଡ଼ିବା ପ୍ରସଙ୍ଗ

# ସିଇଓଙ୍କ ଅଫିସ୍ ଘେରିଲା ବିଜେଡି

### ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରି ବାଦ୍ ପଡ଼ିଥିବା ଭୋଟରଙ୍କୁ ପୁଣି ତାଲିକାଭୁକ୍ତ କରାଯାଉ

ଭୁବନେଶ୍ୱର,୨୨/୪(ନିପ୍ର): ଓଡ଼ିଶାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ପୂର୍ବରୁ ଭୋଟର ତାଲିକାରୁ ୯.୮ ଲକ୍ଷ ଭୋଟରଙ୍କ ନାମ କଟିବାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରିଥିଲା ବିଜୁ ଜନତା ଦଳ । ଏହି ପ୍ରତିବାଦ ସଭାରେ ବିଜୁ ମହିଳା ଜନତା ଦଳର ଅନେକ ବରିଷ୍ଠ ନେତୃତ୍ୱଙ୍କ ସହିତ ବହୁସଂଖ୍ୟାରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବିଜେଡିର ପ୍ରତିନିଧି ମଣ୍ଡଳୀ ବିସ୍ତୃତ ଭାବେ ଆଲୋଚନା କରିଥିଲା । କୌଣସି ଭୋଟରଙ୍କୁ ବାଦ୍ ଦେବା ପୂର୍ବରୁ ବୁଥ୍ ଲେଭଲ୍ ଅଫିସରମାନଙ୍କ ଦ୍ୱାରା ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରାଯାଉ । ସମ୍ପୂର୍ଣ୍ଣ ପାରଦର୍ଶିତା ପାଇଁ ନିର୍ବାଚନମଣ୍ଡଳୀ ଭିତ୍ତିକ ତଥ୍ୟ ପ୍ରକାଶ, ପ୍ରଭାବିତ ଜିଲ୍ଲାରେ ସ୍ୱାଧୀନ ଅଡିଟ୍ ଏବଂ ଭୋଟର ଅଧିକାର ସୁରକ୍ଷା ପାଇଁ ଅଭିଯୋଗ ନିବାରଣ ବ୍ୟବସ୍ଥା କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲା । ବିଶେଷକରି ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ମହିଳା ଏବଂ ପୁରୁଷ ମାନଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ଅଛି ବୋଲି ପ୍ରତିନିଧି ମଣ୍ଡଳୀ କହିଥିଲେ । କୌଣସି ଯୋଗ୍ୟ ନାଗରିକ ତାଙ୍କର ସାମ୍ବିଧାନିକ ଭୋଟ ଅଧିକାରରୁ ଯେପରି ବଞ୍ଚିତ ହେବେ ନାହିଁ, ସେଥିପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଦାବି କରିଛି ବିଜୁ ଜନତା ଦଳ । ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ବିଜୟ ନାୟକ, ଡ଼ ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ, ଅଲିଅଲୀ ମଲ୍ଲିକ, ସଂଯୁକ୍ତା ମହାନ୍ତି, ମାନସୀ ସୁନ୍ଦରରାୟ, ରିଜ୍ୱାନା ବେଗମ, ସୋଫିଆ ଆଲାମ, ପ୍ରମୁଖ ସାମିଲ ଥିଲେ ।

## ଉନ୍ମୋଚିତ ହେଲା ନୂଆ ଟ୍ୟାଗଲାଇନ୍ ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା

**ଭୁବନେଶ୍ୱର, ୨୨/୪(ନିପ୍ର):** ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧବାର ଏକ ନୂତନ ବ୍ରାଣ୍ଡ୍ ପରିଚୟ ଏବଂ ଟ୍ୟାଗଲାଇନ୍ 'ଥିଙ୍କ୍ ଇଣ୍ଡିଆ , ଥିଙ୍କ୍ ଓଡ଼ିଶା ' ଉନ୍ମୋଚିତ ହୋଇଯାଇଛି । ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତି-ଭିତ୍ତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଭିଜନ ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ଭିଜନ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଓଡ଼ିଶା ଏବେ ଏକ 'ଲୁକ୍କାୟିତ ରତ୍ନ'ରୁ ପରିବର୍ତ୍ତିତ ହୋଇ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି। ଏହି ଅବସରରେ ପୁରୀର ତାଜ୍ ରିସୋର୍ଟ ଆଣ୍ଡ ସ୍ପାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଓଏମସସି ପୁରୀ କୋଷ୍ଟାଲ ମାରାଥନ' ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର କମିଶନର-ତଥା-ସଚିବ



ବଲୱନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଏବେ ଏକ ଉଚ୍ଚ-ପ୍ରଦର୍ଶନକାରୀ ପର୍ଯ୍ୟଟନ ଅର୍ଥନୀତି ଆଡ଼କୁ ଗତି କରୁଛି। ନୂଆ ଟ୍ୟାଗଲାଇନ୍ ବିଶ୍ୱବାସୀଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମାଧ୍ୟମରେ ଭାରତକୁ ପୁନଃ ଆବିଷ୍କାର କରିବାକୁ ନିମନ୍ତ୍ରଣ କରିବ।ଏହି ଅବସରରେ ଲୋଗୋ ଉନ୍ମୋଚନ ପୂର୍ବରୁ ବ୍ଲୁ-ଫ୍ଲାଗ୍ ବିଚ୍ରୁ ତାଜ୍ ରିସୋର୍ଟ ପର୍ଯ୍ୟନ୍ତ ଏକ ସାଙ୍କେତିକ ଦୌଡ଼ର ଆୟୋଜନ କରାଯାଇଥିଲା। ବେଳାଭୂମିରେ ଏକ ସୁନ୍ଦର ବାଲୁକା କଳା ମାଧ୍ୟମରେ ମାରାଥନର ଅଫିସିଆଲ୍ ଲୋଗୋ ପ୍ରଦର୍ଶିତ ହୋଇଥିଲା। ଆଜିଠାରୁ ମାରାଥନ ପାଇଁ ଅଫିସିଆଲ୍ ୱେବସାଇଟ୍ ଜରିଆରେ ପଞ୍ଜିକରଣ ଆରମ୍ଭ ହୋଇଛି। ଓଏମସସି ପୁରୀ କୋଷ୍ଟାଲ ମାରାଥନ ୧୩ ଡିସେମ୍ବରରେ ଅନୁଷ୍ଠିତ ହେବ। ମୋଟ ନଗଦ ପୁରସ୍କାର: ୧ କୋଟି ଟଙ୍କା ରହିଛି। ଫୁଲ୍ ମାରାଥନ (୪୨ କିମି), ହାଫ୍ ମାରାଥନ (୨୧ କିମି), ୧୦ କିମି ଏବଂ ୫ କିମି।ପୁରୀର ସୁନ୍ଦର ସମୁଦ୍ର କୂଳରେ ଅନୁଷ୍ଠିତ ହେବାକୁ ଥିବା ଏହି ମାରାଥନ ଦେଶର ଅନ୍ୟତମ ବଡ଼ କ୍ରୀଡ଼ା ଆୟୋଜନ ଭାବେ ଗଣାଯିବ। ଏହାର ଲୋଗୋରେ ଓଡ଼ିଶାର ପତିତପାବନ ବାନା, କୋଣାର୍କ ଚକ୍ର ଏବଂ ବଙ୍ଗୋପସାଗରର ଲହଡ଼ିକୁ ସ୍ଥାନ ଦିଆଯାଇଛି, ଯାହା ଗତିଶୀଳତା ଏବଂ ଶକ୍ତିର ପ୍ରତୀକ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ